# କଳାହାଣ୍ଡି ଜିଲାର ପୁରପଲ୍ଲୀ ଚଳଚଞ୍ଚଳ

## ସାପ୍ତାହିକ ବଜାରରେ ଗହଳି

**ଦିନକ ପରେ ଗଣପର୍ବ ନୂଆଁଖାଇ**

ଭବାନୀପାଟଣା,୬।୯ (ଉତ୍ତମ କୁମାର ଦାଶ)

ଦିନକ ପରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଏଥିପାଇଁ କଳାହାଣ୍ଡି ଜିଲାର ପୁରପଲ୍ଲୀ ଚଳଚଞ୍ଚଳ ହୋଇଉଠିଛି। କୃଷି ଭିତ୍ତିକ ପର୍ବ ନୂଆଁଖାଇ। ପ୍ରକୃତିର କୋଳରେ ଯେବେ ପ୍ରଥମ ଥର ପାଇଁ ଧାନ ଅମଳ ହୁଏ ପ୍ରତିବଦଳରେ ମଣିଷ ପ୍ରକୃତିକୁ କୃତଜ୍ଞତା ଜଣାଇଥାଏ। ଗ୍ରାମଦେବୀ ତଥା ଇଷ୍ଟଦେବୀଙ୍କୁ କୃତଜ୍ଞତା ଜଣାଇଥାଏ। ପ୍ରଥମ ଅମଳ ଧାନକୁ ଭଗବାନଙ୍କ ପାଖରେ ଅର୍ପଣ କରିଥାଏ। ପ୍ରସାଦ ସ୍ୱରୂପ ପରିବାର ସାଙ୍ଗରେ ମିଶି ସେହି ନୂଆ ଚାଉଳକୁ ନବାନ୍ନ ଭାବରେ ଭକ୍ଷଣ କରିଥାଏ। ଏହାକୁ ହିଁ ନୂଆଁଖାଇ କୁହାଯାଏ। ନୂଆଁଖାଇ ପାଇଁ ଆସନ୍ତା ୮ ତାରିଖ ରବିବାର ସକାଳ ୯ଟା ୦୩ ମିନିଟରୁ ୯ଟା ୧୮ ମଧ୍ୟରେ ନବାନ୍ନ ଭକ୍ଷଣ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି। ଏହି ସମୟରେ ସମଗ୍ର କଳାହାଣ୍ଡିବାସୀ ନୂଆ ଖାଇବେ। ଏଥିପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି। କୃଷି ସହ ଜଡିତ ଥିବାରୁ ଚାଷୀ ମଧ୍ୟ ବେଶ ଉତ୍ସାହିତ।


ନୂଆଁଖାଇ ପାଇଁ ବଜାରରେ ଭିଡ଼ ପରିଲକ୍ଷିତ ହୋଇଛି।


ଜଣେ ଲୋକ ନୂଆଁଖାଇ ପାଇଁ ନୂଆ ଚୁଡା କିଣୁଛନ୍ତି।

ଚାଷୀଟିଏ ଏହି ଦିନ ନିଜ ଜମିରେ ପୂଜା କରିବା ପରମ୍ପରା ରହିଛି। ଘରେ ଥିବା ଗାଈ, ବଳଦଙ୍କୁ ମଧ୍ୟ ପୂଜା କରାଯାଏ। ପରିବାର ଲୋକେ ପିଠା ପଣା ତିଆରିରେ ଲାଗିଥିବା ବେଳେ ଘର ଲିପା ପୋଛା କାର୍ଯ୍ୟ ମଧ୍ୟ ସମାପ୍ତ କରିଛନ୍ତି ଘରର ଗୃହୀଣିମାନେ। ପିଲାଠୁ ବୟସ୍କ ସମସ୍ତେ ନୂଆ ପୋଷାକ କିଣିବାରେ ଲାଗିଛନ୍ତି। ଏଥିପାଇଁ ଦେକାନ ବଜାରରେ ଲାଗୁଛି ପ୍ରବଳ ଭିଡ। କପଡା ଦେକାନରେ ଭଲ ବ୍ୟବସାୟ ହେଉଥିବା ପ୍ରକାଶ କରିଛନ୍ତି ବ୍ୟବସାୟୀ। ପଡୋଶୀ ରାଜ୍ୟ ଛତିଶଗଡ ଓଡ଼ିଶା ସୀମାକୁ ଲାଗିଥିବା ବେଳେ ସେଠାକାର ଲୋକମାନେ ଜିଲାକୁ ଆସି ନୂଆଖାଇ ବଜାର କରୁଛନ୍ତି। ଜିଲାର ବିଭିନ୍ନ ହାଟ ବଜାରରୁ ପନିପରିବା ସହ ନୂଆଁଖାଇରେ ବ୍ୟବହୃତ ନୂଆ ଧାନ, ଚୁଡା ଲୋକେ କିଣୁଛନ୍ତି। ବର୍ଷକୁ ଥରେ କଳାହାଣ୍ଡିବାସୀ ଏହି ଦିନକୁ ଅନାଇ ବସିଥାନ୍ତି। ଯିଏ ଯେଉଁଠି ବି ଥାଆନ୍ତି ଏହି ଦିନରେ ଆସି ପରିବାର ସହ ବସି ଏକାଠି ନୂଆଁ ଖାଇଥାନ୍ତି। ତେଣୁ ଏହାକୁ ଭାଇଚାରାର ପର୍ବ ମଧ୍ୟ କୁହାଯାଏ। କଳାହାଣ୍ଡି ଜିଲାରେ ପାଞ୍ଚଟି ପର୍ଯ୍ୟାୟରେ ନୂଆଖାଇ ପାଳନ ହେଉଥିବା ବେଳେ ଧର୍ମଗଡ ଉପଖଣ୍ଡ ଅଞ୍ଚଳ ସମେତ ଜିଲାର ପ୍ରାୟ ସ୍ଥାନରେ ଆସନ୍ତ ୮ ତାରିଖରେ ପର୍ବ ପାଳନ ହେବ। ପରେ ପର୍ଯ୍ୟାୟକ୍ରମେ ଭବାନୀପାଟଣା ସମେତ ଗଡଜାତ ଅଞ୍ଚଳର ଲାଞ୍ଜିଗଡ, ମହୁଲପାଟଣା, କର୍ଲାପାଟ, ମଦନପୁର ରାମପୁର, ଥୁଆମୂଳ ରାମପୁର, ଜୟପାଟଣା ଆଦି ଅଞ୍ଚଳରେ ନୂଆଖାଇ ପାଳନ ହେବ।

## ସଂକ୍ଷେପରେ

### ନୂଆଁଖାଇ ପାଇଁ ସିନାପାଲି ଚଳଚଞ୍ଚଳ

**ସିନାପାଲି,୬।୯ (ମନଫୁଲ ମେହେର):** ଆଉ ଦିନକ ପରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଏନେଇ ଗାଁଠାରୁ ସହର ଯାଏଁ ସବୁଠି ଉଲ୍ଲାସର ମାହୋଲ। ଆସନ୍ତା ୮ ତାରିଖ ରବିବାର ଗଣପର୍ବ ନୂଆଁଖାଇ ପାଳନ ପାଇଁ ଦୋକାନ ବଜାରରେ ଭିଡ଼ ପରିଲକ୍ଷିତ ହୋଇଛି। ଲୋକେ ନୂଆ ପୋଷାକ ଓ ଅନ୍ୟ ସାମଗ୍ରୀ କିଣାକିଣି କରି ନୂଆଁଖାଇର ପବିତ୍ର ଲଗ୍ନକୁ ଅପେକ୍ଷା କରିଛନ୍ତି। ମହିଳାମାନେ ଘର ଲିପାପୋଛା ସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସଜାଇ ରଖିବାରେ ଲାଗିଛନ୍ତି। ଦୂରଦୂରାନ୍ତରେ ରହୁଥିବା ପରିବାର ସଦସ୍ୟ ଘରେ ପହଞ୍ଚି ସାରିଲେଣି। ଏହି ପର୍ବରେ ଚାଷୀ ନୂଆଁ ଫସଲର ପ୍ରଥମ ଶସ୍ୟକୁ ଇଷ୍ଟ ଦେବଦେବୀଙ୍କୁ ଭୋଗ ଲଗାଇ କୃତଜ୍ଞତା ଜଣାଇବାର ପରମ୍ପରା ରହିଛି।

### ଝାଡ଼ାବାନ୍ତିରେ ଜଣେ ମୃତ

**ଥୁଆମୂଳ ରାମପୁର,୬।୯ (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ବ୍ଲକ କାଣୀଗୁମା ଗ୍ରାମ ପଞ୍ଚାୟତ ଅଧୀନ ଧୂଳିଗୁଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ଶୁକ୍ରବାର ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଛି। ସେ ହେଲେ ଧନସାଏ ମାଝି (୫୦)। ସୂଚନା ଅନୁସାରେ ଧନସାଏ ଗୁରୁତର ହୋଇପଡିବାରୁ ଗତ ୩ତାରିଖରେ ତାଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ସକାଳ ୧୦ଟାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୪) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ମୃତ ଶିକ୍ଷକଙ୍କ ପରିବାରକୁ ଭେଟିଲା ଏକ୍ସ କ୍ୟାଡର ସଂଘ



**ଖଡ଼ିଆଳ,୬।୯ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖରିଆର ବ୍ଲକ ଏକ୍ସ କ୍ୟାଡ଼ର ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଶୁକ୍ରବାର ମୃତ ଶିକ୍ଷକ ସୁରେନ୍ଦ୍ର ଶବରଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ୭,୫୦୦ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଖୁବ୍‌ଶୀଘ୍ର ଜୀବନ ବୀମା ରାଶି, ଜିଆଇଏଏସ୍, ଫେମିଲି ପେନ୍‌ସନ, ଗ୍ରାଚ୍ୟୁଟି ଆଦି ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ସଂଘର ଜିଲା ସଭାପତି ଅଲେଖ ସାହୁ, ମିତ୍ରବାଦୀ ମଲ୍ଲିକ, ଖରିଆର ବ୍ଲକ ସଭାପତି ଜୟନ୍ତ ପ୍ରଧାନୀ, ସମ୍ପାଦକ ସାନୁଧର ନାଗ, କୋଷାଧକ୍ଷ ସୁରେଶ କ୍ଷେତ୍ରୀ, କୃଷ୍ଣ ଦାଶ ପ୍ରମୁଖ ସାମିଲ ଥିଲେ।

### ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

**ଭବାନୀପାଟଣା,୬।୯(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ଛେଦାପଡ଼ାରେ ଶୁକ୍ରବାର ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହକୁ ସ୍ଥାନୀୟ ପୋଲିସ ଜବତ କରିଛି। ମୃତକ ହେଲେ ଘାସିରାମ ନିଆଲ। ଏ ନେଇ ଟାଉନ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନ୍ୟପଟେ ବୃଦ୍ଧଙ୍କ ପରିବାର ଲୋକେ ଏହା ଆତ୍ମହତ୍ୟା ନୁହେଁ ହତ୍ୟାକାଣ୍ଡ ବୋଲି ଅଭିଯୋଗ ଆଣିଛନ୍ତି।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ଲାଞ୍ଜିଗଡ,୬।୯(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ଲାଞ୍ଜିଗଡ଼ ବ୍ଲକ ନର୍ଲା ରେଞ୍ଜ ଅନ୍ତର୍ଗତ କମର୍ଦ୍ଧା ବିଟ୍ ରେଢ଼ାପଦର ଗ୍ରାମର ଜଣେ ବ୍ୟକ୍ତି ଶୁକ୍ରବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ ଶଙ୍କର ଭୋଇ(୨୧)। ଶଙ୍କର ନିଜ ଚାଷ ଜମିକୁ ପାଣି ମଢ଼େଇବା ପାଇଁ ଯାଉଥିବାବେଳେ ହଠାତ ୨ ଗୋଟି ଜଙ୍ଗଲୀ ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାରକରି ପ୍ରଥମେ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଏ ନେଇ ନର୍ଲା ରେଞ୍ଜର ଭାରତ ବନ୍ଧୁ ଶବରଙ୍କୁ ପଚାରିବାରୁ ଶଙ୍କରଙ୍କୁ ଭାଲୁ ଆକ୍ରମଣ କରିଥିବା ଖବର ପାଇ ଆମ ଷ୍ଟାଫ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ମେଡ଼ିକାଲ ରିପୋର୍ଟ ଅନୁଯାୟୀ ଜିଲାସ୍ତରୀୟ ଅଧିକାରୀଙ୍କୁ ଜଣାଇବା ପରେ ସରକାରଙ୍କ ପକ୍ଷରୁ ସହାୟତା ପାଇଁ ଯାହା ସୁବିଧା ଅଛି ଆମ ବିଭାଗ ପକ୍ଷରୁ ସହଯୋଗ କରାଯିବ ବୋଲି ପ୍ରକାଶ କରିଛନ୍ତି।



## ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା

କର୍ଲାମୁଣ୍ଡା,୬।୯(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ସଦର ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍‌ର ୩୫ ପ୍ରାଥମିକ ବିଦ୍ୟାଳୟରୁ ୩୫ ଜଣ, ୨୭ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୭, ୧୪ ଉଚ୍ଚ ବିଦ୍ୟାଳୟର ୨୮ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ଶିକ୍ଷକ ଈଶ୍ୱର ମହାକୁର,ସଞ୍ଜୟ ଦାସ, କୁମାର ତରୁଣ ଗହୀର, ଆଶିଷ ମଲ୍ଲିକ, ସୁନିତା ପାତ୍ର, ନୂତନ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ତେରେସିଙ୍ଗା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗରୁଡ଼ଧ୍ୱଜ ଗହୀର, ରିଷିଡ଼ା ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଦୋରା, ନୋଡାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପମଣୀ ସାହୁ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରିଥିଲେ। ସିଆର୍‌ସିସି ଉଜ୍ଜ୍ୱଳ କୁମାର ସାହୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ନୋଡାଲ ସିଆର୍‌ସିସି ପ୍ରସନ୍ନ କୁମାର ସାହୁ, ଗୋଷ୍ଠୀ ଶିକ୍ଷା ବିଭାଗ କର୍ମଚାରୀ ପ୍ରଫୁଲ୍ଲ କୁମାର ପାଠୀ, କ୍ଷୀରୋଦ ବଡ଼ମାଳି ସହଯୋଗ କରିଥିଲେ।



ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

## ସିନାପାଲି ବ୍ଲକସ୍ତରୀୟ ବିଶ୍ୱ ସାକ୍ଷରତା ସପ୍ତାହ

ସିନାପାଲି,୬।୯ (ମନଫୁଲ ମେହେର)

ସିନାପାଲି ବ୍ଲକସ୍ତରୀୟ ବିଶ୍ୱ ସାକ୍ଷରତା ସପ୍ତାହ ବ୍ଲକର ଭରୁଆମୁଣ୍ଡା କ୍ଲଷ୍ଟର ଅନ୍ତର୍ଗତ ପତିଆଲପ ୟୁ.ଜି. ହାଇସ୍କୁଲଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଉପାନ୍ତ ଅଞ୍ଚଳରେ ଶିକ୍ଷା ପ୍ରତି ସଚେତନତା ସୃଷ୍ଟି ଓ ସାକ୍ଷରତା ହାର ବୃଦ୍ଧି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ସିନାପାଲି ଗୋଷ୍ଠୀ ଶିକ୍ଷାଧିକାରୀ ଯତୀନ୍ଦ୍ର କୁମାର ସେଠଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସିଆର୍‌ସିସି ଜୟକୃଷ୍ଣ ଯୋଷୀ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଧାରି ମେହେର ଉପସ୍ଥିତ ରହି ଅଧାରୁ କିପରି କେହି ପାଠ ପଢା ନ ଛାଡିବେ ସେ ବିଷୟରେ ଅବଗତ କରିଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏଥିରେ ଛାତ୍ରଛାତ୍ରୀ, ଅବିଭାବକ, ବିଦ୍ୟାଳୟ ପରିଚାଳନା ସମିତି ସଭ୍ୟାସଭ୍ୟ, ସ୍ଥାନୀୟ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

### ସଂସ୍କୃତ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଲାଞ୍ଜିଗଡ଼,୬।୯(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ବିଭୂ ପ୍ରସାଦ ସାମନ୍ତରାୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସେ ଅଗଷ୍ଟ ୩୧ରେ ଅବସର ଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ପାର୍ଥିବ ତାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ଦେବେନ୍ଦ୍ର ଧାଙ୍ଗଡାମାଝି, ଶିକ୍ଷୟିତ୍ରୀ ମମତା ମାଝି, ଶିକ୍ଷକ ଭବେଶ ପାଢଯୋଷୀ, ଆଲୋକ ସାହୁ, ସୁମନ ସା, ଶୁଶାନ୍ତ ମାଝି, ଜଗମୋହନ ସାହୁ, ମଧୁସୂଦନ ବାଗ, ସୀମାଞ୍ଚଳ କାଡ୍ରାକା ପ୍ରମୁଖ ଯୋଗଦେଇ ଶିକ୍ଷକ ବିଭୂପ୍ରସାଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ବଣ୍ଟନ


ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଅତିଥିମାନେ।

ଖଡ଼ିଆଳ,୬।୯ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ସମ୍ମିଳନୀ କକ୍ଷରେ ମଧୁବାବୁ ପେନ୍‌ସନ ଯୋଜନାରେ ୨୧୪ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥି ରୂପେ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଖଡ଼ିଆଳ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ବ୍ଲକ୍ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ଖଡ଼ିଆଳ ବିଡିଓ ନରସିଂହ ଗଡବା, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ କୁମାର ମାଝି ପ୍ରମୁଖ ଯୋଗଦେଇଥିଲେ। ଖଡ଼ିଆଳ ବ୍ଲକ୍‌ରେ ଭତ୍ତା ଯୋଜନାରେ ଶତ ପ୍ରତିଶତ ବ୍ୟକ୍ତିଙ୍କୁ ସାମିଲ କରାଯାଇଥିବା ବେଳେ ସମୟକ୍ରମେ ସମସ୍ତଙ୍କୁ ଚିହ୍ନଟକରି ସାମିଲ କରିବାକୁ ମୁଖ୍ୟ ଅତିଥି ଆହ୍ୱାନ କରିଛନ୍ତି।

## ସିନାପାଲି ପାଇଁ ଗୌରବ ଆଣିଲେ ତ୍ରିବିକ୍ରମ ରଣା



ସିନାପାଲି,୬।୯ (ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ଗୋଷ୍ଠୀ ଶିକ୍ଷା ବିଭାଗ ଅନ୍ତର୍ଗତ ସିଙ୍ଗଝର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ତ୍ରିବିକ୍ରମ ରଣା ରାଜ୍ୟସ୍ତରୀୟ ଓଡ଼ିଆ ଭାଷା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଗତ ମାଟ୍ରିକ ପରୀକ୍ଷାରେ ତ୍ରିବିକ୍ରମ ଜିଲାରେ ଦ୍ୱିତୀୟ ସର୍ବୋଚ୍ଚ ନମ୍ବର ରଖିଥିବା ବେଳେ ଓଡିଆ ଭାଷା ବିଷୟରେ ସର୍ବାଧିକ ନମ୍ବର ପାଇଥିଲେ। ଗୁରୁଦିବସ ଅବସରରେ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ସେ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏତବରେ ସିନାପାଲି ଗୋଷ୍ଠୀ ଶିକ୍ଷାଧିକାରୀ ଯତୀନ୍ଦ୍ର କୁମାର ସେଠ ଖୁସି ବ୍ୟକ୍ତ କରିବା ସହ ଏହା ଅନ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି ପ୍ରକାଶ କରିଛନ୍ତି ।

## ସଞ୍ଜୟ ମେହେର ପାଇଲେ କଳାହାଣ୍ଡି ଜୋନାଲ ଶିକ୍ଷକ ପୁରସ୍କାର

ନୂଆପଡ଼ା/ସିନାପାଲି,୬।୯
(ମକାରୁ ବେମାଲ/ମନଫୁଲ ମେହେରଙ୍କ)

ନୂଆପଡ଼ା ଜିଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ କୋଟେନଚୁଆଁ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ସଞ୍ଜୟ କୁମାର ମେହେର କଳାହାଣ୍ଡି ଜୋନାଲ ଶିକ୍ଷକ ପୁରସ୍କାର ପାଇଛନ୍ତି। କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜୋନାଲ ଶିକ୍ଷା ନିରୀକ୍ଷକ କମଳାକାନ୍ତ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବରେ କଳାହାଣ୍ଡି ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାଏ, ଜିଲା ଶିକ୍ଷା ଅଧିକାରୀ ଉଦୟ ସିଂ ମାଝି, ନବରଙ୍ଗପୁର ଜିଲା ଶିକ୍ଷା ନିରୀକ୍ଷକ କୈଳାସ ମହାରଣା, ସହକାରୀ ଜିଲାପାଳ ଟିଟିଲାଗଡ଼ ସନ୍ଦିପ ଚନ୍ଦ୍ରକାର, ସହକାରୀ ଜିଲାପାଳ ଭବାନୀପାଟଣା ହରିସଙ୍ଗ ମାଝି ଯୋଗଦେଇଥିଲେ। ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଜୋନାଲ ସ୍ତରରେ ମୋଟ ୬ ଜଣ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରାଯାଇଥିଲା।

## ରକ୍ତଦାନ ଶିବିର, ପତ୍ରିକା ଉନ୍ମୋଚନ

ନୂଆପଡା,୬।୯ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ କୁଲିଆବନ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଗୁରୁଦିବସ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ବରିଷ୍ଠ କ୍ରୀଡ଼ାବିତ୍ ସରୋଜ କୁମାର ସାହୁ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅପରାହ୍ନରେ ବିଦ୍ୟାଳୟର ଅର୍ଦ୍ଧବାର୍ଷିକ ପତ୍ରିକା ବିଦ୍ୟାଶ୍ରୀର ଶୁଭ ଉନ୍ମୋଚନ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମୀର କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ୍ ଡ. ଶିବ ପ୍ରସାଦ ବେହେରା, ସମ୍ମାନିତ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୂଆପଡା ହେମସାଗର ମହାନନ୍ଦ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷକ କିଶୋର କୁମାର ପରିଡ଼ାଙ୍କୁ ଶିକ୍ଷକତା ସହିତ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଗୁଣ ସାଗର ଭୋଇ, ରବି ଶଙ୍କର ଭୋଇ, ଲୀଳା ବାଈ ଶବର, ନାନ୍ତା ମାଝି ସହଯୋଗ କରିଥିଲେ। ଶେଷରେ ଶିକ୍ଷକ କିଶୋର କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ।


ପତ୍ରିକା ଉନ୍ମୋଚନ କରୁଛନ୍ତି ଅତିଥି।

## ବିଧାନସଭାରେ କଳାହାଣ୍ଡିର ସ୍ୱାସ୍ଥ୍ୟ ସମସ୍ୟା ଉଠାଇଲେ ଧର୍ମଗଡ଼ ବିଧାୟକ

ବେହେରା,୬।୯(ଭୂପେଶ ତିୱାରୀ)

ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ ବିଧାନସଭାରେ କଳାହାଣ୍ଡିର ସ୍ୱାସ୍ଥ୍ୟ ସମସ୍ୟା ଉଠାଇଛନ୍ତି। କଳାହାଣ୍ଡି ମେଡିକାଲ କଲେଜରେ ଡାକ୍ତର, ପାରା ମେଡିକାଲ ୱର୍କର୍ସ, ନର୍ସିଂ ଅଫିସରଙ୍କ ଅଭାବ ରହିଛି। ଜିଲା ଚିକିତ୍ସାଳୟରେ ୪ ତାଲା ବିଲଡିଂ ଥିବାବେଳେ ଲିଫ୍ଟ ବ୍ୟବସ୍ଥା ନ ଥିବାରୁ ଉପର ଫ୍ଲୋର ବ୍ୟବହାର ହୋଇପାରୁ ନାହିଁ। ଜିଲାରେ ୬୦୦ ଡାକ୍ତର ପଦବୀ ଥିବାବେଳେ ମାତ୍ର ୨୫ରୁ ୩୦ ପ୍ରତିଶତ ଡାକ୍ତର ଅଛନ୍ତି। ଚିକିତ୍ସାଳୟଗୁଡ଼ିକର ଭିତ୍ତିଭୂମି ସୁଦୃଢ କରିବାକୁ ବିଧାୟକ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ସେହିପରି ଜିଲାର ଧର୍ମଗଡଠାରେ ରହିଛି ଉପଖଣ୍ଡ ଡାକ୍ତରଖାନା। ଏଠାକୁ ବର୍ଷରେ ୧ଲକ୍ଷରୁ ଅଧିକ ଆଉଟଡୋର ରୋଗୀ ଆସୁଥିବାବେଳେ ୬୦ହଜାରରୁ ଅଧିକ ରୋଗୀଙ୍କ ଚିକିତ୍ସା ହୋଇଥାଏ। ଏହି ଡାକ୍ତରଖାନା ଆଜି ରେଫରାଲ ଡାକ୍ତରଖାନାରେ ପରିଣତ ହୋଇଛି। ପୂର୍ବ ସରକାର ସମୟରେ କୌଣସି ବିକଳ୍ପ ବ୍ୟବସ୍ଥା ନ କରି ହଠାତ୍ ଡାକ୍ତରଖାନାର ଅପରେଶନ ଥିଏଟରକୁ ସୌନ୍ଦର୍ଯ୍ୟକରଣ ନାମରେ ଭଙ୍ଗାଯାଇଥିଲା। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ବର୍ତ୍ତମାନ ମେଡିସିନ, ସର୍ଜରୀ, ଶଲ୍ୟ ବିଭାଗ ୱାର୍ଡ ସବୁ ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି। ୪୯ ଡାକ୍ତର ପଦବୀ ଥାଇ ମାତ୍ର ୧୪ଜଣ ଡାକ୍ତର ଅଛନ୍ତି। ସେହିପରି କଳମପୁର ବ୍ଲକର ପିଏଚ୍‌ସିରୁ ସିଏଚ୍‌ସି ମାନ୍ୟତା ପାଇଥିବା ଡାକ୍ତରଖାନା ମାତ୍ର ୬ଶଯ୍ୟା ବିଶିଷ୍ଟ ରହିଛି। ଏହାକୁ ତୁରନ୍ତ ସିଏଚ୍‌ସିର ସମସ୍ତ ସୁବିଧା ଯୋଗାଇଦେବାକୁ ସେ ଅନୁରୋଧ କରିଥିଲେ। ଚଳିତ ବଜେଟରେ ତିନିହଜାର ଡାକ୍ତର ପଦବୀ ପୂରଣ ପାଇଁ ବ୍ୟବସ୍ଥା ଥିବାବେଳେ ପଛୁଆ ଅଞ୍ଚଳକୁ ବିଶେଷ ଧ୍ୟାନ ଦେବାକୁ ସେ ଦାବି ଜଣାଇଥିଲେ।



## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ଲାଞ୍ଜିଗଡ,୬।୯(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ଲାଞ୍ଜିଗଡ଼ ବ୍ଲକ ନର୍ଲା ରେଞ୍ଜ ଅନ୍ତର୍ଗତ କମର୍ଦ୍ଧା ବିଟ୍ ରେଢ଼ାପଦର ଗ୍ରାମର ଜଣେ ବ୍ୟକ୍ତି ଶୁକ୍ରବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ ଶଙ୍କର ଭୋଇ(୨୧)। ଶଙ୍କର ନିଜ ଚାଷ ଜମିକୁ ପାଣି ମଡ଼େଇବା ପାଇଁ ଯାଇଥିବାବେଳେ ହଠାତ ୨ ଗୋଟି ଜଙ୍ଗଲୀ ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାରକରି ପ୍ରଥମେ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଏ ନେଇ ନର୍ଲା ରେଞ୍ଜର ଭାରତ ବନ୍ଧୁ ଶବରଙ୍କୁ ପଚାରିବାରୁ ଶଙ୍କରଙ୍କୁ ଭାଲୁ ଆକ୍ରମଣ କରିଥିବା ଖବର ପାଇ ଆମ ଷ୍ଟାଫ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ମେଡ଼ିକାଲ ରିପୋର୍ଟ ଅନୁଯାୟୀ ଜିଲାସ୍ତରୀୟ ଅଧିକାରୀଙ୍କୁ ଜଣାଇବା ପରେ ସରକାରଙ୍କ ପକ୍ଷରୁ ସହାୟତା ପାଇଁ ଯାହା ସୁବିଧା ଅଛି ଆମ ବିଭାଗ ପକ୍ଷରୁ ସହଯୋଗ କରାଯିବ ବୋଲି ପ୍ରକାଶ କରିଛନ୍ତି।



ଓଡ଼ିଶା ଜୀବିକା ମିଶନ ଇ.ସି ସଦସ୍ୟାମାନେ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଓଡ଼ିଶା ଜୀବିକା ମିଶନ ଇ.ସି ସଦସ୍ୟାଙ୍କ ଧାରଣା।

# ଜିଲାପାଳଙ୍କ ଅଫିସ ଆଗରେ ଧାରଣା

**୪ ଦଫା ଦାବିରେ ଗର୍ଜିଲେ ଇ.ସି ସଦସ୍ୟା**

ବରଗଡ଼,୬।୯(ପ୍ରେମାନନ୍ଦ ଖମାରୀ)

ଓଡ଼ିଶା ଜୀବିକା ମିଶନ ଇ.ସି ସଦସ୍ୟାଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଶୁକ୍ରବାର ଓଡ଼ିଶା ଜୀବିକା ମିଶନ ଇ.ସି ସଂଘ ବରଗଡ଼ ଜିଲା ଶାଖାର ଶତାଧିକ ସଦସ୍ୟା ଏକ ବିଶାଳ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେମାନେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ପଞ୍ଚାୟତଠାରୁ ଜିଲାସ୍ତର ପର୍ଯ୍ୟନ୍ତ ଓଡ଼ିଶା ଜୀବିକା ମିଶନ ଇ.ସି ସଦସ୍ୟାମାନେ କାର୍ଯ୍ୟ କରିଆସୁଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସଙ୍ଗଠିତ କରିବା, ସେମାନଙ୍କୁ ଆର୍ଥିକ ପରିଚାଳନାରେ ତାଲିମ ପ୍ରଦାନ ସହିତ ପ୍ରୋତ୍ସାହିତ କରିବା, ଇ.ସି ସଭାପତି, ସମ୍ପାଦକଙ୍କ ସ୍ୱାକ୍ଷରରେ ଋଣ ଗ୍ରହଣ, ଋଣ ପ୍ରଦାନ କାମ କରୁଛନ୍ତି। ଏହାସତ୍ତ୍ୱେ ସେମାନଙ୍କୁ ସରକାର ଅଣଦେଖା କରୁଛନ୍ତି। ସେମାନଙ୍କୁ ପ୍ରତି ୨ବର୍ଷକୁ ଥରେ ରିଷ୍ଟ୍ରକଚରିଂ ନାମରେ ଅସ୍ଥାୟୀତ୍ୱର ଅନିଶ୍ଚିତତା ଭିତରେ ରଖାଯାଇଛି ବୋଲି ଇ.ସି ସଦସ୍ୟାମାନେ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ, ସହରାଞ୍ଚଳରେ କାର୍ଯ୍ୟରତ ଇ.ସି ସଦସ୍ୟାଙ୍କୁ କୌଣସି ଭତ୍ତା ପ୍ରଦାନ କରାଯାଉନାହିଁ। ସେହିପରି ଗ୍ରାମାଞ୍ଚଳରେ ପଞ୍ଚାୟତ ପ୍ରତି ୧୮ଜଣରୁ ଅଧିକ ଇ.ସି ସଦସ୍ୟା ରହିଥିଲେ ସେମାନଙ୍କ ଭତ୍ତାକୁ ୧୮ଜଣ ହିସାବରେ ଭାଗ କରି ଦିଆଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇ ଥିବାବେଳେ ଇ.ସି ସଦସ୍ୟାମାନେ ୪ଦଫା ଦାବି କରିଛନ୍ତି। ରିଷ୍ଟ୍ରକଚରିଂ ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା ସହିତ ୱାର୍କର ମାନ୍ୟତା ନେଇ ଭତ୍ତା ବୃଦ୍ଧି, ମିଶନ ଶକ୍ତି ଅଧୀନସ୍ଥ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଇ.ସିମାନଙ୍କୁ ସରକାରଙ୍କ ଦ୍ୱାରା ଘୋଷିତ କୁଶଳୀ ଶ୍ରମିକର ସର୍ବନିମ୍ନ ମଜୁରୀ ପ୍ରଦାନ, ସମସ୍ତ ପ୍ରକାର ସାମାଜିକ ନିରାପତ୍ତା ପ୍ରଦାନ ଆଦି ଦାବି ରହିଛି। ଭଟଲି ବ୍ଲକର କୌଶଲ୍ୟା ବାଗ, ପାଇକମାଳ ବ୍ଲକର ଦୀପାଞ୍ଜଳି ବଡ଼େଇ, ଅତାବିରାର ଈଶ୍ୱରୀ ଦାଶଙ୍କ ସମେତ ସମସ୍ତ ବ୍ଲକର ସଦସ୍ୟାମାନେ ଏଥିରେ ସାମିଲ ହୋଇଥିଲେ।

### କୋମଳମତି ଛାତ୍ରଙ୍କୁ ବିପଦପୂର୍ଣ୍ଣ କାମରେ ନିୟୋଜିତ

ବୌଦ୍ଧ, ୬।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରନରସିଂହପୁରଠାରେ ଥିବା ରାମକୃଷ୍ଣ ବାଳାଶ୍ରମରେ କୋମଳମତି ଛାତ୍ରଙ୍କୁ ବିପଦପୂର୍ଣ୍ଣ କାମରେ ବାଳାଶ୍ରମ କର୍ତ୍ତୃପକ୍ଷ ନିୟୋଜିତ କରୁଥିବା ଶୁକ୍ରବାର ଦେଖିବାକୁ ମିଳିଛି। ଉକ୍ତ ବାଳାଶ୍ରମରେ ଅସହାୟ ଗରିବ ପିଲାମାନେ ରହି ପାଠପଢୁଥିବା ବେଳେ ବର୍ତ୍ତମାନ ବାଳାଶ୍ରମରେ ୬୦ରୁ ଅଧିକ ଛାତ୍ରୀଛାତ୍ର ରହିଛନ୍ତି। ବାଳାଶ୍ରମରେ କାମ ପାଇଁ ପିଲାଙ୍କୁ ନିକଟସ୍ଥ ଜଙ୍ଗଲରୁ କାଠକାଟି ଆଣିବା କାର୍ଯ୍ୟରେ ବାଳାଶ୍ରମ କର୍ତ୍ତୃପକ୍ଷ ନିୟୋଜିତ କରିଥିବା ଦେଖିବାକୁ ମିଳିଛି। ପିଲାମାନେ ଭୋର ସମୟରେ ନିକଟସ୍ଥ ଜଙ୍ଗଲରୁ କାଠ କାଟି ବୋହି ବାଳାଶ୍ରମକୁ ଆଣୁଥିବା ବେଳେ ସ୍ଥାନୀୟ ଲୋକଙ୍କ ହାବୁଡରେ ପଡିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ବନ ବିଭାଗ ପହଞ୍ଚି ପିଲାଙ୍କଠାରୁ ୫ଟି କାଠ ଜବତ କରିଛି। ଏନେଇ ବୀରନରସିଂହପୁର ବନପାଳ ଲିଙ୍ଗରାଜ ମାଝୀଙ୍କୁ ପଚାରିବାରୁ ପିଲାମାନେ ନିକଟସ୍ଥ ଜଙ୍ଗଲରୁ କାଠ ଆଣୁଥିବା ବେଳେ ଜବତ କରାଯାଇଥିବା ପ୍ରକାଶ କରିଛନ୍ତି। ଏନେଇ ବାଳାଶ୍ରମ ସମ୍ପାଦକ ନବୀନ ବଘାରଙ୍କୁ ପଚାରିବାରୁ ପୂଜାଥିବାରୁ ନିକଟସ୍ଥ ଜଙ୍ଗଲରୁ ଆମର ଜଗୁଆଳି ଆଣୁଥିବା ପ୍ରକାଶ କରିଥିଲେ ।

### ଆଶ୍ରମ ଅନ୍ତେବାସୀଙ୍କ ମୁହଁରେ ଫୁଟିଲା ହସ




ବରଗଡ଼, ୬।୯( ପ୍ରେମାନନ୍ଦ ଖମାରୀ): ଦିନକ ପରେ ନୂଆଁଖାଇ। ନୂଆଁଖାଇ ପର୍ବରେ ସମସ୍ତେ ନୂତନ ବସ୍ତ୍ର ପରିଧାନ ସହିତ ପିଠାପଣା କରି ନିଜ ପରିବାର ବର୍ଗଙ୍କ ସହିତ ପର୍ବ ପାଳନ କରିଥାନ୍ତି। ତେବେ ନିଜ ପରିବାର ବର୍ଗଙ୍କ ପାଇଁ ଅଲୋଡା ହୋଇ ବରଗଡ଼ ବ୍ଲକ ଅନ୍ତର୍ଗତ ଚକରକେନ୍ଦଠାରେ ଥିବା ମାତୃଛାୟା ତପୋବନ ଆଶ୍ରମରେ ରହୁଥିବା ଅନ୍ତେବାସୀମାନଙ୍କ ହୃଦୟ ଓ ମନର ଦୁଃଖକୁ ହୃଦୟଙ୍ଗମ କରିପାରିଛନ୍ତି ବରଗଡ଼ର ସ୍ୱୟଂପ୍ରଭା ସାହିତ୍ୟ ସଂସଦର ସଦସ୍ୟାମାନେ। ନୂଆଁଖାଇ ପୂର୍ବରୁ ଅନ୍ତେବାସୀଙ୍କ ପାଇଁ ନୂଆ ସମ୍ବଲପୁରୀ ଶାଢ଼ି ଓ ଧୋତି ଗାମୁଛା ପ୍ରଦାନ କରି ସେମାନେ ଉଦାହରଣ ସୃଷ୍ଟି କରିଛନ୍ତି। ଆଶ୍ରମରେ ରହୁଥିବା ପ୍ରତି ମାଆଙ୍କ ପାଇଁ ଖଣ୍ଡିଏ ଲେଖାଏଁ ନୂଆ ସମ୍ବଲପୁରୀ ଶାଢ଼ି ଓ ବରିଷ୍ଠ ନାଗରିକଙ୍କ ପାଇଁ ଧୋତି ଗାମୁଛା ପ୍ରଦାନ କରିଛନ୍ତି । ନୂଆଁଖାଇ ପାଳନ ପୂର୍ବରୁ ନୂଆ ଶାଢ଼ି ପାଇବା ପରେ ନିଜକୁ ଅସହାୟ ମନେ କରିଥିବା ମାଆ ଓ ବାପାମାନଙ୍କ ମୁହଁରେ ହସ ଫୁଟିବା ସହିତ ସେମାନେ ସମାଜରେ ଏକା ନୁହନ୍ତି, ତାଙ୍କ ସହିତ ସମାଜ ରହିଛି ଏକଥା ହୃଦୟଙ୍ଗମ କରିଥିବା ଅନ୍ତେବାସୀ ପ୍ରକାଶ କରିଥିଲେ। ସାହିତ୍ୟ ସଂସଦର ସମ୍ପାଦିକା କମଳିନୀ ଦେବୀଙ୍କ ନେତୃତ୍ୱରେ ବରିଷ୍ଠ ସଦସ୍ୟା ଦିବ୍ୟକାନ୍ତି ଭୋଇ, ମୀନା ପଣ୍ଡା, କବିତା ଦେବତା, ସନ୍ତୋଷିନୀ ଦାଶ, ରାଧାରାଣୀ ପଟ୍ଟନାୟକ, ଗୀତା ଉଦଗାତା, ବିଜୟାରାଣୀ ମିଶ୍ର, ଜ୍ୟୋତ୍ସ୍ନା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶକୁ ଉନ୍ନତିର ଶିଖରରେ ପହଞ୍ଚାଇଛି କଠିନ ପରିଶ୍ରମ

**କ୍ରୀଷ୍ଟା ବିକାଶ ଶିକ୍ଷାନୁଷ୍ଠାନରେ ଗୁରୁ ଉତ୍ସବ**

ବରଗଡ଼,୬।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ବରାହଗୁଡ଼ାସ୍ଥିତ କ୍ରୀଷ୍ଟା ବିକାଶ ଶିକ୍ଷାନୁଷ୍ଠାନରେ ଗୁରୁ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସକାଳ ପ୍ରାର୍ଥନା ସଭାରେ ସର୍ବପଲ୍ଲୀ ରାଧାକ୍ରୀଷ୍ଣନ୍‌ଙ୍କ ପ୍ରତିଛବି ସମ୍ମୁଖରେ ଅତିଥିଗଣ ଦୀପ ପ୍ରଜ୍ୱଳନ ଓ ମାଲ୍ୟାର୍ପଣ କରିଥିଲେ। ପରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ପ୍ରାର୍ଥନା ସଭା ପରିଚାଳିତ ହୋଇଥିଲା। ଅପରାହ୍ନ ୪ଟାରେ ବିକାଶ ଅଡିଟୋରିୟମରେ ଅନୁଷ୍ଠିତ ଶିକ୍ଷକ ସମ୍ବର୍ଦ୍ଧନା ସଭାରେ ବିକାଶ ଆବାସିକ ବିଦ୍ୟାଳୟର ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବରଗଡ଼ର ବିଭିନ୍ନ ସରକାରୀ ହାଇସ୍କୁଲର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅଭିଜ୍ଞ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ବିକାଶ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ଡି. ମୁରଲୀକ୍ରୀଷ୍ଟା ଯୋଗଦେଇ ବିକାଶ ଶିକ୍ଷାନୁଷ୍ଠାନର ଶିକ୍ଷକମାନଙ୍କ କଠିନ ପରିଶ୍ରମ ଯୋଗୁ ଆଜି ବିକାଶ ଭାରତର ତିନୋଟି ରାଜ୍ୟରେ ତାର ଶାଖା ପରିବର୍ଦ୍ଧିତ କରିବା ସହିତ ବିକାଶ ବିରାସତର ଉନ୍ନତିରେ ଶିକ୍ଷକଙ୍କ ଯଥେଷ୍ଟ ଅବଦାନ ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ନିଜ ଛାତ୍ର ଜୀବନର କଥା ମନେ ପକାଇ ଶିକ୍ଷକଙ୍କ ନିଷ୍ଠା ଯୋଗୁ ଆଜି ବିକାଶ ଶିକ୍ଷାନୁଷ୍ଠାନ ଉନ୍ନତିର ଶିଖରରେ ପହଞ୍ଚିଛି ବୋଲି କହିଥିଲେ। ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା କିଣ୍ଡର୍ କସ୍‌ମସ୍, ଅଟଳ ଲ୍ୟାବ୍, ସ୍ମାର୍ଟ କ୍ଲାସ୍ ଓ ମେଣ୍ଟରିଂ ମାଧ୍ୟମରେ ବିକାଶ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଉନ୍ନତିରେ ଏହି ଶିକ୍ଷାନୁଷ୍ଠାନର ଯଥେଷ୍ଟ ଅବଦାନ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ବରଗଡ଼ ଜିଲା ଅନ୍ତର୍ଗତ କ୍ରୀଷ୍ଟା ବିକାଶର ଶାଖା ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଉପହାର ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିକାଶ ମଲ୍ଟି-ସ୍ପେଶାଲିଟି ହସ୍ପିଟାଲର ସିଇଓ ସି. ଏଚ୍. ରବି କୁମାର, ବରଗଡ଼ ସିମେଣ୍ଟ ନଗର ଇଂଲିଶ ମିଡିୟମ୍ ସ୍କୁଲର ଅଧ୍ୟକ୍ଷ ସନାତନ ମହାପାତ୍ର, ଡୁଙ୍ଗୁରୀ ସିମେଣ୍ଟ ନଗର ଇଂଲିଶ ମିଡିୟମ୍ ସ୍କୁଲର ଅଧ୍ୟକ୍ଷ ଗୁରୁଚରଣ ବାଗ, ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ୱେଲଫେୟାରର ଆଡ୍‌ମିନିଷ୍ଟ୍ରେଟିଭ ଇନ୍‌ଚାର୍ଜ ପ୍ରବୀଣ ଦୋରା, ଅଧ୍ୟକ୍ଷ ଡଃ ଡୋଲାମଣି ଶତପଥୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଏସ୍. କେ. ରାଓ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ 'ଅଭିନୟ' ପରିବେଷିତ ହୋଇଥିଲା।



ବରଗଡ଼ କ୍ରୀଷ୍ଟା ବିକାଶ ଶିକ୍ଷାନୁଷ୍ଠାନରେ ଗୁରୁ ଉତ୍ସବ।

# ଉତ୍ତରାଞ୍ଚଳ ଆର୍‌ଡିସିଙ୍କ ବରଗଡ଼ ଗସ୍ତ

- ଜୈବିକ ସାରର ବହୁଳ ପ୍ରୟୋଗ ଓ ଅପପୁଷ୍ଟି ନିରାକରଣକୁ ଗୁରୁତ୍ୱ
- ସୁଭଦ୍ରା ଯୋଜନା ଉପରେ ସଚେତନ କରିବାକୁ ନିର୍ଦ୍ଦେଶ

ବରଗଡ,୬।୯( ପ୍ରେମାନନ୍ଦ ଖମାରୀ)

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି) ସଚିନ ରାମଚନ୍ଦ୍ର ଯାଦବ ଶୁକ୍ରବାର ବରଗଡ ଗସ୍ତରେ ଆସି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କୁ ନେଇ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବରଗଡକୁ ପ୍ରଥମ ଗସ୍ତ ଅବସରରେ ଯାଦବ ପ୍ରଥମେ ରେଶମ ମାର୍କେଟସ୍ଥିତ ଅଡିଟୋରିୟମ ନିର୍ମାଣ କାର୍ଯ୍ୟର ସମୀକ୍ଷା କରି ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମିଶନ ଶକ୍ତି କାଫେ ପରିଦର୍ଶନ କରି ମହିଳାଙ୍କ ସହ ତାଙ୍କର ଲାଭ, କ୍ଷତି, ସୁବିଧା ଆଦି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହାପରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲାସ୍ତରୀୟ ଅଧିକାରୀ ଏବଂ ତହସିଲଦାରଙ୍କ କାର୍ଯ୍ୟ ସମୀକ୍ଷା କରିଥିଲେ। ଏହି ସମୟରେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ କୃଷି ବିଭାଗର ସମସ୍ତ ବିଷୟ ଆଲୋଚନା କରିଥିଲେ। ଜୈବିକ ସାର ବହୁଳ ପ୍ରୟୋଗ ଏବଂ ଅପପୁଷ୍ଟି ନିରାକରଣ ପାଇଁ ଗୁରୁତ୍ୱ ଦେବା ସହ ସୁଭଦ୍ରା ଯୋଜନା ବିଷୟରେ ଲୋକଙ୍କୁ ଅଧିକ ସଚେତନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏତଦବ୍ୟତୀତ ଜିଲାରେ ଦାଦନ ଶ୍ରମିକ, ବିଦ୍ୟୁତ ଯୋଗାଣ, ଜମି ଅଧିଗ୍ରହଣ, ବିସ୍ଥାପିତ ଲୋକଙ୍କୁ ପଟ୍ଟା ପ୍ରଦାନ, ଗ୍ରାମାଞ୍ଚଳ ହାଉସିଂ, ମଧୁବାବୁ ପେନସନ ଯୋଜନା, ପୋଷଣ କାର୍ଯ୍ୟକ୍ରମର ସ୍ଥିତି, ଶିଶୁ ଶ୍ରମିକ ସ୍ଥିତି, ବିଦ୍ୟାଳୟମାନଙ୍କରେ ଡ୍ରପ୍ ଆଉଟ୍ ସ୍ଥିତି, ଆରଏମ୍‌ସି ମାର୍କେଟର ସୁପରିଚାଳନା ବିଷୟରେ ଆଲୋଚନା କରିବା ସହ ନିୟମାବଳୀ ହିସାବରେ ସମସ୍ତ କାର୍ଯ୍ୟ କରିବା ଦିଗରେ ଯତ୍ନବାନ ହେବାକୁ ଆର୍‌ଡିସି ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଡିଏମ୍‌ଏଫ୍ ତଥା ସିଆର୍‌ଏସ୍ ବିନିଯୋଗ ପାଣ୍ଠିରୁ ଗ୍ରହଣ କରାଯାଉଥିବା କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଦିଗରେ ଜିଲା ପ୍ରଶାସନ ସତର୍କ ଦୃଷ୍ଟି ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ବିସ୍ଥାପିତ ସମସ୍ୟା ସମାଧାନ ଓ ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଆରଡିସି କହିଥିଲେ। ସମୀକ୍ଷା ପରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସେ ବାର୍ତ୍ତାଳାପ କରିଥିଲେ। ବୈଠକରେ ଜିଲାପାଳ ଆଦିତ୍ୟ ଗୋୟଲ ଅଧ୍ୟକ୍ଷତା କରିଥିବା ବେଳେ ପଦ୍ମପୁର ଅତିରିକ୍ତ ଜିଲାପାଳ କୃନାଲ ମୋତିରମ ଚୌହାନ, ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଓ ମଧୁଛନ୍ଦା ସାହୁ, ପଦ୍ମପୁର ଉପଜିଲାପାଳ ଆଲୋକ କୁମାର ପଟେଲ, ବରଗଡ ଭାରପ୍ରାପ୍ତ ଉପ ଜିଲାପାଳ ଉତ୍ତମ କୁମାର ବାଗ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ କଲ୍ୟାଣୀ ଦାଶଙ୍କ ସମେତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ ।



ପାଇକମାଳ ବ୍ଲକର ମାଣ୍ଡୋସିଲ ଦୁର୍ଗାପୂଜା ପାଇଁ ରାବଣ କଳାକାରଙ୍କୁ ବରଣ କରାଯାଉଛି।

### ମାଣ୍ଡୋସିଲ ସାର୍ବଜନୀନ ଦୁର୍ଗାପୂଜା ପାଇଁ ରାବଣ ବରଣ

ପାଇକମାଳ,୬।୯(ବଡ ଶତପଥି): ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ସାର୍ବଜନୀନ ଦୁର୍ଗାପୂଜା ପାଇଁ ରାବଣ ବରଣ ଶୁକ୍ରବାର ହୋଇଯାଇଛି। ଅକ୍ଟୋବରରେ ହେବାକୁ ଥିବା ସାର୍ବଜନୀନ ଦୁର୍ଗାପୂଜାରେ ରାବଣ ଦରବାରରେ ଗୋପବନ୍ଧୁ ସାହୁ ରାବଣ ଭୂମିକାରେ ଅଭିନୟ କରିବେ। ତେଣୁ ଶୁକ୍ରବାର ସାର୍ବଜନୀନ ଦୁର୍ଗାପୂଜା କମିଟି ତରଫରୁ ସାହୁଙ୍କୁ ରାବଣ ବରଣ କରାଯାଇଛି।



ସମୀକ୍ଷା ବୈଠକରେ ଆରଡିସି, ଜିଲାପାଳ ଏବଂ ଅନ୍ୟମାନେ।

# ଖଳିଆପାଲି ୧-୦ ଗୋଲରେ ବିଜୟୀ

ବରଗଡ଼, ୬।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ସଦର ବ୍ଲକ ଅନ୍ତର୍ଗତ ବରଗାଁ ଲାଲ ବାହାଦୁର ଶାସ୍ତ୍ରୀ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଫୁଟବଲ ପ୍ରତିଯୋଗିତାର ସେମି ଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୁଟୁରୁପାଲି ଏବଂ ସିମେଣ୍ଟ ନଗର ଖଳିଆପାଲି ମଧ୍ୟରେ ଏହି ମ୍ୟାଚ୍ ଅନୁଷ୍ଠିତ ହେଇଥିଲା । ଏଥିରେ ଖଳିଆପାଲି ଦଳ ପ୍ରତିପକ୍ଷ ପୁଟୁରୁପାଲିକୁ ୧-୦ ଗୋଲରେ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛି। ଏହି ଅବସରରେ ଓଡିଶା ଅଭିଭାବକ ମହାସଂଘ ବରଗଡ଼ ଜିଲା ସଭାପତି ବିମଳ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲ୍ମିକୀ ଷଡ଼ଙ୍ଗୀ, ଗୋପୀନାଥ ସହୁ, ଶୁଭେନ୍ଦୁ ବଗାର ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିବୃନ୍ଦ।

# ବିକାଶ ଶିକ୍ଷାନୁଷ୍ଠାନରେ ଗୁରୁପର୍ବ-୨୦୨୪ ଉଦ୍‌ଯାପିତ

ବରଗଡ,୬।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସର ନବନିର୍ମିତ କନ୍‌ଭେନଶନ ହଲରେ ଡ. ସର୍ବପଲ୍ଲୀ ରାଧାକ୍ରୀଷ୍ଣନ୍‌ଙ୍କ ୧୩୬ତମ ଜନ୍ମତିଥି ଉପଲକ୍ଷେ ଗୁରୁ ଦିବସକୁ ଗୁରୁପର୍ବ ଭାବେ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ବିକାଶ ଫାଷ୍ଟ ଷ୍ଟେପ୍ ଏବଂ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଅଧ୍ୟାପିକା, ଅଧ୍ୟାପକ ତଥା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓଙ୍କ ଉପସ୍ଥିତିରେ ବରିଷ୍ଠ ଅଧିକାରୀ, ଅଧ୍ୟକ୍ଷ, ଅଧ୍ୟକ୍ଷା ଏବଂ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଗହଣରେ ଡ. ସର୍ବପଲ୍ଲୀ ରାଧାକ୍ରୀଷ୍ଣନ୍‌ଙ୍କ ଚିତ୍ରପଟରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଚେୟାରମ୍ୟାନ ରାଓ ତାଙ୍କ ଉଦ୍‌ବୋଧନରେ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ ଏବଂ ବିକାଶ ଫାଷ୍ଟ ଷ୍ଟେପ୍ ଅନ୍ତର୍ଗତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଅଧ୍ୟାପିକା, ଅଧ୍ୟାପକଙ୍କୁ ବିକାଶର ପ୍ରଗତି ତଥା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣରେ ସେମାନଙ୍କ ଭୂମିକାକୁ ରେଖାଙ୍କିତ କରି ପ୍ରଶଂସା କରିଥିଲେ। ମ୍ୟାନେଜିଂ ଡାଇରେକ୍ଟର ରାଓ ବିକାଶ ଫାଷ୍ଟ ଷ୍ଟେପ୍ ଏବଂ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ସମସ୍ତ ଅନୁଷ୍ଠାନର ସଫଳତା ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକ ତଥା ସମସ୍ତ କର୍ମଚାରୀଙ୍କ କର୍ମନିଷ୍ଠ ଯୋଗଦାନକୁ ପ୍ରଶଂସା କରିଥିଲେ। ଅଧ୍ୟକ୍ଷ ଡ. କ୍ଷୀରୋଦ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବାବେଳେ ସି.ଏ.ଓ ଇଂ. ଅଜୟ ମହାପାତ୍ର, ବରିଷ୍ଠ ଉପଦେଷ୍ଟା ପ୍ରସନ୍ନ ଦାସ, ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର, ଦୀପାଳି ପଟେଲ, ଅଧ୍ୟକ୍ଷ ଡ. ବିକ୍ରମ କୁମାର ଦାସ, ପ୍ରଫେସର ସତ୍ୟବ୍ରତ ମିଶ୍ର, ଡ. ପୂର୍ଣ୍ଣେନ୍ଦୁ ମିଶ୍ର ଏବଂ ଉପାଧ୍ୟକ୍ଷ ଦୀପକ କୁମାର ନାୟକ ମଞ୍ଚାସୀନ ଥିଲେ। ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ ଏବଂ ବିକାଶ ଫାଷ୍ଟ ଷ୍ଟେପ୍ ଅନ୍ତର୍ଗତ ଶିକ୍ଷୟିତ୍ରୀ, ଶିକ୍ଷକ ଓଡ଼ିଶୀ ନୃତ୍ୟ, ଗୁରୁ ବନ୍ଦନା, ଘୁଡ୍‌କା ନାଚ, ସମ୍ବଲପୁରୀ ତଥା ବଲିଉଡ୍ ରିମିକ୍ସ ପରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରୀକ୍ଷାମୂଳକ ନାଟକ 'ଯେନ୍ତା ଗୁରୁକେ ସେନ୍ତା ଚେଲା' ଏବଂ ଶିକ୍ଷକଙ୍କ ସ୍ୱଲିଖିତ ଗୁରୁ ବନ୍ଦନା ସମସ୍ତଙ୍କ ମନ୍ତ୍ରମୁଗ୍ଧ କରିଥିଲା। ଅଧ୍ୟକ୍ଷ ଡ. ଦିଲୀପ ଖମାରୀ ଧନ୍ୟବାଦ ଅର୍ପଣ କରିଥିବାବେଳେ ଡିନ୍ (ଛାତ୍ର ସକ୍ଷମ ଏବଂ ସାଧାରଣ ପ୍ରବନ୍ଧନ) ଆର୍.ଏସ୍.ଭି କ୍ରିଷ୍ଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଗୁରୁପର୍ବ କାର୍ଯ୍ୟକ୍ରମରେ ବିକାଶ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାବୃନ୍ଦ।

## ସଂକ୍ଷେପରେ

### ଚାକିରି ଦେବା ଆଳରେ ୩୦ଲକ୍ଷ ଠକେଇ, ଜଣେ ଗିରଫ

**ରାଉରକେଲା,୬।୯(ସଙ୍ଗୀତା ଜେନା):** କୋଲ୍ ଇଣ୍ଡିଆ ଭଳି ରାଷ୍ଟ୍ରାୟତ୍ତ କମ୍ପାନୀରେ ମୋଟା ଦରମାରେ ଚାକିରି କରାଇ ଦେବା ଆଳରେ ୩୦ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଝିରପାଣି ଥାନା ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳର ଦେବାଶିଷ ଦାସ(୩୧)। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୯/୨୪) ରୁଜୁ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୋଜା ଚାଲିଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, କୋଏଲ ନଗରରେ ସୁଜାତା ଚୌଧୁରୀ ସପରିବାର ରୁହନ୍ତି। ତାଙ୍କ ସ୍ୱାମୀ ସତୀଶ ଚନ୍ଦ୍ର ଚୌଧୁରୀଙ୍କୁ କୋଲ୍ ଇଣ୍ଡିଆରେ ଚାକିରି କରାଇଦେବା ପାଇଁ ଭୁବନେଶ୍ୱରର ଦେବାଶିଷ ଓ ତାଙ୍କ ସହଯୋଗୀ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୩୦ ଲକ୍ଷ ଟଙ୍କା ଚୌଧୁରୀ ଦମ୍ପତିଙ୍କଠାରୁ ନେଇଥିଲେ। ସୁଜାତା ଥାନାରେ ଅଭିଯୋଗ କରିବା ପରେ ଝିରପାଣି ପୋଲିସ ଭୁବନେଶ୍ୱରରୁ ଦେବାଶିଷଙ୍କୁ ଗିରଫ କରିଥିଲା।

### ସୁନା ଦୋକାନରୁ ଲୁଟ୍ ବେଳେ ଧରାପଡ଼ିଲେ ଦୁର୍ବୃତ୍ତ

**ରାଉରକେଲା,୬।୯(ସଙ୍ଗୀତା ଜେନା):** ଉଦିତନଗର ଥାନା ଅନ୍ତର୍ଗତ ପାଣି ମାର୍କେଟରେ ଥିବା ରାଧିକା ଜ୍ୱେଲର୍ସରେ ଶୁକ୍ରବାର ରାତି ୯ଟାରେ ସଶସ୍ତ୍ର ଲୁଟ୍ ହୋଇଛି। ଦୋକାନୀଙ୍କ ସାହସିକତା ଯୋଗୁ ଜଣେ ଡକାୟତ ଧରା ପଡ଼ିଛନ୍ତି। ୪ ଜଣ ଡକାୟତ ହାତରେ ବନ୍ଧୁକ ଧରି ଦୋକାନରେ ଲୁଟ ଉଦ୍ୟମ କରିଥିଲେ। ଦୋକାନୀ ପ୍ରତିରୋଧ କରିବାରୁ ସେମାନେ ପଳାଇବା ବେଳେ ଜଣେ ଧରାପଡିଥିଲେ। ପୋଲିସ ଅଟକ ଡକାୟତଙ୍କୁ ପଚରାଉଚୁରା କରୁଥିବା ବେଳେ ଲୁଟ୍‌ରେ ବ୍ୟବହୃତ ଏକ ବାଇକ ଜବତ ହୋଇଛି। ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

### ଗାଡ଼ି ଧକ୍କାରେ ଅବସରପ୍ରାପ୍ତ ଶିକ୍ଷକ ମୃତ, ରାସ୍ତାରୋକୋ

**ରାଉରକେଲା,୬।୯(ସଙ୍ଗୀତା ଜେନା):** ସେକ୍ଟର ୭ ଥାନା ଅନ୍ତର୍ଗତ ସେକ୍ଟର ୬ ଷ୍ଟାଡିୟମ ଛକରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସେକ୍ଟର ୬ ଜି ବ୍ଲକର ରାଜେନ୍ଦ୍ର ମହାରଣା(୬୧)। ତାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖା ଦେଇଥିଲା। ପ୍ରତିବାଦରେ ସ୍ଥାନୀୟ ଲୋକେ ଟାୟାର୍ ଜାଳି ରାସ୍ତା ଅବରୋଧ କରିଥିଲେ। ୭ ନମ୍ବର ସେକ୍ଟର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଛି। ମୃତଦେହକୁ ଆଇଜିଏଚ୍ ମର୍ଗ ହାଉସରେ ରଖାଯାଇଛି।

### ଓଭରବ୍ରିଜ୍‌ରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ

**ରାଉରକେଲା,୬।୯(ସଙ୍ଗୀତା ଜେନା):** ରାଉରକେଲା ଗାନ୍ଧୀରୋଡରେ ରହୁଥିବା ଜଣେ ଯୁବକ ଶୁକ୍ରବାର ସକାଳେ ସେକ୍ଟର ୨୧ ଓଭରବ୍ରିଜରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସୌଭାଗ୍ୟବଶତଃ ସେ ବଞ୍ଚିଯାଇଥିଲେ। ତାଙ୍କୁ ପ୍ରଥମେ ଆରଜିଏଚ୍ ଓ ପରେ ଜେପି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଯୁବକ ଆହତ ହୋଇଛନ୍ତି। ତାଙ୍କ ଅବସ୍ଥା ସ୍ଥିର ରହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଯୁବକ ଜଣଙ୍କ ମାନସିକ ବିକୃତ ଥିଲେ।

# ନିର୍ଦ୍ଦିଷ୍ଟ ଶେଷ ତାରିଖ ଧାର୍ଯ୍ୟ ହୋଇନାହିଁ: କମିଶନର

**ସୁଭଦ୍ରା ଯୋଜନା ଆବେଦନ ପ୍ରସଙ୍ଗ**

**ରାଉରକେଲା,୬।୯(ସଙ୍ଗୀତା ଜେନା)**


ରାଉରକେଲା ଏଡିଏମ୍ ସୂଚନା ପ୍ରଦାନ କରୁଛନ୍ତି।

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନା ସମ୍ପର୍କିତ ତଥ୍ୟ ପ୍ରଦାନ କରିବା ଲାଗି ଶୁକ୍ରବାର ମଧ୍ୟାହ୍ନରେ ରାଉରକେଲା ମହାନଗର ନିଗମ(ଆର୍‌ଏମ୍‌ସି) ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆର୍‌ଏମ୍‌ସି ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ମିଳନୀରେ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଆର୍‌ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀ ସୂଚନା ଦେଇ କହିଥିଲେ, ସୁଭଦ୍ରା ଯୋଜନାରେ ଆର୍‌ଏମ୍‌ସି ଓ ଇସ୍ପାତ ଅଞ୍ଚଳର ୨୨ ସେକ୍ଟରର ଯୋଗ୍ୟ ମହିଳା ହିତାଧିକାରୀ ସାମିଲ ହେବେ। ବାର୍ଷିକ ୧୦ ହଜାର ଟଙ୍କା ଦୁଇଟି କିସ୍ତିରେ ରାକ୍ଷୀପୂର୍ଣ୍ଣିମା ଓ ଅନ୍ତର୍ଜାତୀୟ ମହିଳା ଦିବସରେ ପ୍ରଦାନ କରାଯିବ। ଏହାର ଆବେଦନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ୪୪ଟି ଅଙ୍ଗନୱାଡି ଓ ଜନସେବା କେନ୍ଦ୍ରରେ ଏହି ସୁବିଧା ଉପଲବ୍ଧ ରହିଛି। ପ୍ରତ୍ୟେକ ଜନସେବା କେନ୍ଦ୍ର ପାଇଁ ଜଣେ ଲେଖାଏଁ ଆର୍‌ଏମ୍‌ସି କର୍ମଚାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଉକ୍ତ କେନ୍ଦ୍ରମାନଙ୍କରେ ଇଣ୍ଟରନେଟ୍, ବିଦ୍ୟୁତ୍, ପ୍ରିଣ୍ଟିଂ ବ୍ୟବସ୍ଥା ରହିଛି। ଖୁବ୍‌ଶୀଘ୍ର ଅଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରଚାର ପ୍ରସାର ପାଇଁ ଯୋଜନା ସମ୍ପର୍କିତ ହୋର୍ଡିଂ ଲଗାଯିବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଛି। ଆବେଦନ ସମ୍ପୂର୍ଣ୍ଣ ଦେୟମୁକ୍ତ ରହିଛି। ଜନସେବା, ଆଧାର କେନ୍ଦ୍ରରେ ଆବେଦନକାରୀଙ୍କୁ ଟଙ୍କା ମାଗିବାକୁ ବାରଣ କରାଯାଇଛି। ଆଧାର ସଂଶୋଧନ ବାବଦରେ ମାତ୍ର ୧ଶହ ଟଙ୍କା ନିଆଯିବା ବ୍ୟତୀତ ଯୋଜନା ସମ୍ପର୍କିତ କୌଣସି ଅର୍ଥ ନିଆଯିବନାହିଁ। ଆବେଦନକାରୀଙ୍କୁ ଟଙ୍କା ମାଗିଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି କ୍ଷେତ୍ରରେ କଲ୍‌ସେଣ୍ଟର ଗୁଡ଼ିକରେ ଅଭିଯୋଗ କରାଯାଇପାରିବ। ଏହାକୁ ଆବେଦନ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଶେଷ ତାରିଖ ଧାର୍ଯ୍ୟ କରାଯାଇନାହିଁ। ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ଏହାକୁ ଉଦ୍‌ଘାଟନ କରାଯିବ। ପ୍ରଥମ ପର୍ଯ୍ୟାୟରେ ଯାଞ୍ଚ କମିଟି ପ୍ରଦତ୍ତ ରିପୋର୍ଟକୁ ଆଧାର କରି ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ଯୋଜନା ରାଶି ପ୍ରଦାନ କରାଯିବ। ସୁଭଦ୍ରା ଆବେଦନ ସମୟରେ ଓଡ଼ିଶା ଠିକଣା ସହ ଆଧାର ଲିଙ୍କ୍ ବ୍ୟାଙ୍କ ଆକାଉଣ୍ଟର ବିବରଣୀ ପ୍ରଦାନ କରିବା ବାଧ୍ୟତାମୂଳକ ଅଟେ। ଯେହେତୁ ଏହା ଆବେଦନର କୌଣସି ଶେଷ ତାରିଖ ଧାର୍ଯ୍ୟ କରାଯାଇନାହିଁ ତେଣୁ ବ୍ୟସ୍ତ ନ ହୋଇ ଧୀରେ ଧୀରେ ଆବେଦନ କରାଯାଇପାରିବ ବୋଲି ଏଡିଏମ୍ କୁଲକର୍ଣ୍ଣୀ କହିଥିଲେ। ଖବରଦାତା ସମ୍ମିଳନୀରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଓ ଆରଏମ୍‌ସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶିକ୍ଷକଙ୍କ ହାତରେ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିହିତ



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ରାଉରକେଲା,୬।୯(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସିଭିକ ସେଣ୍ଟରଠାରେ ଆର୍‌ଏସ୍‌ପି ସହରସେବା ୟୁନିଟ୍ ପକ୍ଷରୁ ସର୍ବପଲ୍ଲୀ ଡକ୍ଟର ରାଧାକ୍ରିଷ୍ଣନଙ୍କ ଜନ୍ମଜୟନ୍ତୀ ଓ ଗୁରୁଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟଅତିଥି ଭାବେ ଯୋଗଦାନ କରି କହିଥିଲେ, ଗୁରୁ ସମାଜ ହିଁ ପ୍ରକୃତ ନାୟକ ଅଟନ୍ତି। ଏଣୁ ଶିକ୍ଷକ ସମାଜ ସର୍ବଦା ସମ୍ମାନ ଏବଂ ପ୍ରଶଂସାର ପାତ୍ର ବୋଲି ସେ ଉଲ୍ଲେଖ କରିଥିଲେ। ସିଏସ୍‌ଆର ଆଇଏମ୍‌ଏମ୍‌ଟି, ଭୁବନେଶ୍ୱରର ପୂର୍ବତନ ବୈଜ୍ଞାନିକ ପ୍ରଫେସର ଡକ୍ଟର ରାଜକିଶୋର ପରମଗୁରୁ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଗୁରୁ ବନ୍ଦନା ପୂର୍ବକ ଦିବସ ପାଳନର ଭାବାର୍ଥ ଓ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ପରେ ରାଉରକେଲାର ବିଭିନ୍ନ ବିଦ୍ୟାଳୟର ୧୬ଜଣ ପୂର୍ବତନ ଶିକ୍ଷୟିତ୍ରୀ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଭୌମିକ ରାଉରକେଲାର ଶ୍ରେଷ୍ଠ ଏକାଡେମିକ ସଫଳତା ପାଇଁ ୩୨ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଆରଏସ୍‌ପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର. ସୂର୍ଯ୍ୟବଂଶୀ, ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ସାମଗ୍ରୀ ପରିଚାଳନା ବିଭାଗ ସିଜିଏମ୍ ଇନ୍‌ଚାର୍ଜ ଅନିଲ କୁମାର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ସିଏମ୍‌ଓ ଇନ୍‌ଚାର୍ଜ ଡକ୍ଟର ଜୟନ୍ତ ଆଚାର୍ଯ୍ୟ, ସହର ସେବା ଏବଂ ସିଏସ୍‌ଆର ବିଭାଗର ସିଜିଏମ୍ ଇନ୍‌ଚାର୍ଜ ପି. କେ. ସ୍ୱାଇଁ, ଆଇଜିଏମ୍‌ର ଅଧ୍ୟକ୍ଷ ଡକ୍ଟର ସୁପ୍ରକାଶ ତ୍ରିପାଠୀ, ଆଇଇଏମ୍‌ଏସ୍ ସେକ୍ଟର-୨୦ର ଅଧ୍ୟକ୍ଷା ସୁଶ୍ରୀତା ଦାସ, ଆରଏସ୍‌ପିର ବହୁ ବରିଷ୍ଠ ଅଧିକାରୀ ଏବଂ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓ ଇସ୍ପାତ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଇସ୍ପାତ ବିଦ୍ୟା ମନ୍ଦିରର ଛାତ୍ରୀ ଶୁଭସ୍ମିତା ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ର।

# ସରକାରୀ ସ୍ୱୟଂଶାସିତ କଲେଜରେ ଭାବବିନିମୟ କାର୍ଯ୍ୟକ୍ରମ

**ରାଉରକେଲା,୬।୯(ଦିନେଶ ମିଶ୍ର)**

ପାନପୋଷ ସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଆଇଆଇପିଏମ୍ କାଂଶବାହାଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ବିଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ସହକାରୀ ପ୍ରଫେସର ଧୀରେନ କୁମାର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହକାରୀ ପ୍ରଫେସର ଭବାନୀ ଶଙ୍କର ରାଉତ ପ୍ରଥମ ପୁଞ୍ଜିନିବେଶ କରୁଥିବା ଗ୍ରାହକମାନଙ୍କ ପାଇଁ ଉପାଦେୟ ସୂଚନା ଦେବା ସହ ପୁଞ୍ଜି ବଜାର ଓ କ୍ଷୁଦ୍ର ପୁଞ୍ଜି ନିବେଶ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଇଂରାଜୀ ବିଭାଗର ସହକାରୀ ପ୍ରଫେସର ପ୍ରଦୀପ ଟୋପ୍ପୋ ବିଭିନ୍ନ ଉଦ୍ୟୋଗର ପ୍ରଭାବଶାଳୀ ଯୋଗାଯୋଗ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବାଣିଜ୍ୟ ବିଭାଗର ଅଧ୍ୟାପକ ରାମକୃଷ୍ଣ ଗୌଡ ନେତୃତ୍ୱ ନେବାର କୌଶଳ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ମହନ୍ତଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟର ବିଭିନ୍ନ ବିଭାଗ ଓ ପରୀକ୍ଷାଗାର ଭ୍ରମଣ କରିବା ସହ ସେଠାରେ ବିଭିନ୍ନ କାର୍ଯ୍ୟଶୈଳୀ, ପାଠ୍ୟକ୍ରମ ଅଧ୍ୟୟନ ସମ୍ପର୍କରେ ଅବଗତ ହୋଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପାଠ୍ୟକ୍ରମ ମୁଖ୍ୟ ଡକ୍ଟର ଦୀପକ କୁମାର ସିଂହ ଓ ଆଭ୍ୟନ୍ତରୀଣ ଗୁଣବତ୍ତା ସେଲ୍ ସଂଯୋଜକ ଚୌଧୁରୀ ପ୍ରଦେଶ ରଞ୍ଜନଙ୍କ ସହଯୋଗରେ ସମ୍ପନ୍ନ ହୋଇଥିଲା। ଏଥିରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ କାଂଶବାହାଲ ଆଇଆଇପିଏମ୍‌ର ୪୦ ଜଣ ବିବିଏ ଓ ଏମ୍‌ବିଏ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### ଗଣେଶପୂଜା ପେଣ୍ଡାଲରେ କଟା ବାଛୁରୀ ମୁଣ୍ଡ

**ରାଉରକେଲା,୬।୯(ସଙ୍ଗୀତା ଜେନା)**

ରାଉରକେଲା ଡେଲିମାର୍କେଟ ପରିବା ଗଦି ନିକଟ ଗଣେଶପୂଜା ପେଣ୍ଡାଲ ନିକଟରେ ଶୁକ୍ରବାର ସକାଳେ ଏକ କଟା ବାଛୁରୀ ମୁଣ୍ଡ ମିଳିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ମାତ୍ର ସିସିଟିଭି ଯାଞ୍ଚ କରିବାରୁ ଏହାକୁ କୁକୁର ଆଣି ପକାଇଥିବା ଜଣାପଡ଼ିଥିଲା। ଏହାପରେ ଉତ୍ତେଜନା ଶାନ୍ତ ପଡିଥିଲା। ଏ ନେଇ ଜୋନ୍-୨ ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କୁ ପଚରାଯିବାରୁ ସେ କହିଲେ, ସକାଳେ ଉକ୍ତ ପେଣ୍ଡାଲରେ ଏପରି ଘଟଣା ଘଟିଥିଲା। ସ୍ଥାନୀୟ ଅଞ୍ଚଳରେ ଥିବା ସିସିଟିଭି ଅନୁଧ୍ୟାନ କରିବା ପରେ ଏହାର ସତ୍ୟତା ଜଣାପଡ଼ିଥିଲା। ଉକ୍ତ ମାର୍କେଟ ପାର୍ଶ୍ୱରେ ରେଳଧାରଣା ରହିଛି। ସମ୍ଭବତଃ ଏଥିରେ ଗାଈଗୋରୁ କଟିଯାଇଥିବା ବେଳେ ବୁଲାକୁକୁର ଏହାକୁ ଆଣି ଗଣେଶପୂଜା ପେଣ୍ଡାଲ ନିକଟରେ ପକାଇଦେଇଛି ବୋଲି ମହାପାତ୍ର କହିଥିଲେ।

# ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ୨୪ତମ ସ୍ମୃତିଚାରଣ ସଭା


ସ୍ମୃତିଚାରଣ ସଭାରେ ଉପସ୍ଥିତ ଅତିଥିଗଣ।

**ରାଉରକେଲା,୬।୯(ବିପ୍ଳବ ରଞ୍ଜନ ଦାଶ)**

କର୍ମଯୋଗୀ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ୨୪ତମ ସ୍ମୃତିଚାରଣ ସଭା ବେଦବ୍ୟାସ ଗୁରୁକୁଳ ଆଶ୍ରମରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟସ୍ୱାମୀ ଡକ୍ଟର ଦେବବ୍ରତ ଆର୍ଯ୍ୟଙ୍କ ପରାମର୍ଶ କ୍ରମେ ଆଚାର୍ଯ୍ୟ ସୁରେନ୍ଦ୍ର କୁମାର ଉପାଧ୍ୟାୟଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପୁରାତନ ଛାତ୍ର ଏବଂ ଆର୍ଯ୍ୟ ପରିବାରର ଶତାଧିକ ସଦସ୍ୟ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ନାରାୟଣ ପ୍ରଧାନଙ୍କୁ ବ୍ରହ୍ମାନନ୍ଦ ସ୍ମୃତିସମ୍ମାନ, ବିଶ୍ୱନାଥ ଆଚାର୍ଯ୍ୟଙ୍କୁ ବ୍ରହ୍ମାନନ୍ଦ ଶିକ୍ଷା ସମ୍ମାନ, ଚନ୍ଦନ ନିଖଣ୍ଡିଆଙ୍କୁ ସେବା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଓଡ଼ିଶାରେ ୩୨ଟି ଅନାଥ ଆଶ୍ରମ, ଭାଗବତ ଟୁଙ୍ଗୀ, ସଂସ୍କୃତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ଥାପନ କରିଥିବା ସ୍ୱାମୀ ବ୍ରହ୍ମାନନ୍ଦଙ୍କ ଜୀବନୀର ସ୍ମୃତିଚାରଣ ଲାଗି ଏହି ସଭା ଆୟୋଜନ ହୋଇଥିଲା। ସ୍ୱାମୀ ଜନଜାତି ପିଲାମାନଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ବୈଦିକ ଭାଷା ସଂସ୍କୃତରେ ଦିକ୍ଷିତ କରାଇଥିଲେ। ଏଥିସହିତ ସେ ବହୁ ଜନଜାତି ପିଲାଙ୍କୁ ବେଦ ବିଷାରଦ କରାଇ ବର୍ଣ୍ଣବୈଷମ୍ୟ ନୀତିକୁ ପ୍ରତ୍ୟାଖ୍ୟାନ କରି ଆର୍ଯ୍ୟବ୍ରତୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ମହାନ ସଂସ୍କାରକ ଭାବେ ସୁନାମ ମିଳିଛି ବୋଲି ଦେବବ୍ରତ ଆଚାର୍ଯ୍ୟ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ବେଦବ୍ୟାସ ସଂସ୍କୃତ କଲେଜର ଅଧ୍ୟକ୍ଷ ଡକ୍ଟର ଉମାକାନ୍ତ ପଣ୍ଡା, ଟ୍ରଷ୍ଟି ଅଶୋକ ଅଗ୍ରୱାଲ, ସମ୍ପାଦକ ରାମଚନ୍ଦ୍ର ସାହୁ, ସୁବାଷ ଚନ୍ଦ୍ର ସାହୁ, ଶରତ ଚନ୍ଦ୍ର ଦେହୁରୀ, ସୋମଦେବ ଶାସ୍ତ୍ରୀ, ଅଖେଶ୍ୱର ଧରୁଆ, ସ୍ୱାମୀ ନକୁଳ ଦେବଙ୍କ ସମେତ ବହୁ ଆର୍ଯ୍ୟବ୍ରତୀ ସାମିଲ ହୋଇଥିଲେ। ସମ୍ପାଦକ ରାମଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜିଠୁ ଗଣେଶ ମହୋତ୍ସବ, ୧୧ରୁ ରାଧାଷ୍ଟମୀ ପାଳନ

**ଗୃହସ୍ଥୀ ପରିବାର ପକ୍ଷରୁ ଖବରଦାତା ସମ୍ମିଳନୀ**

**ରାଉରକେଲା,୬।୯(ଦିନେଶ ମିଶ୍ର)**



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଟ୍ରଷ୍ଟ କର୍ମକର୍ତ୍ତା।

ସେକ୍ଟର-୧୪ ସ୍ଥିତ ନନ୍ଦଗାଁ ଗୋଶାଳା ପରିସରରେ ଗୃହସ୍ଥୀ ପରିବାରର ଗୋମନ୍ଦିର ସେବା ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଗୋମନ୍ଦିର ସେବା ଟ୍ରଷ୍ଟ ସଭାପତି ଗଣେଶ ବାଗେଡିଆ ଯୋଗଦେଇ ଚଳିତ ବର୍ଷ ଗଣେଶ ପୂଜା ଓ ରାଧାଷ୍ଟମୀ ପାଳନକୁ ନେଇ ସୂଚନା ପ୍ରଦାନ କରିଥିଲେ। ଗୋମନ୍ଦିର ସେବା ଟ୍ରଷ୍ଟ ପକ୍ଷରୁ ଚଳିତବର୍ଷ ନନ୍ଦଗାଁ ଗୋଶାଳା ପରିସରରେ ଗଣେଶ ମହୋତ୍ସବ ଶନିବାର ଅନୁଷ୍ଠିତ ହେବ। ପ୍ରାତଃ ସମୟରେ ଗଜାନନଙ୍କୁ ରୀତିନୀତି ପୂଜାର୍ଚ୍ଚନା କରାଯିବ। ଏହି ଅବସରରେ ନନ୍ଦଗାଁରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ସୁନ୍ଦରାକାଣ୍ଡ ପାଠ କରାଯିବ। ସେହିପରି ଆସନ୍ତା ୧୧ ତାରିଖରେ ନନ୍ଦଗାଁ ଗୋଶାଳାରେ ରାଧାଷ୍ଟମୀ ଉତ୍ସବ ପାଳନ କରାଯିବ। ଏହି ଉତ୍ସବ ୧୧ ଦିନ ଧରି ଚାଲିବ ବୋଲି ସଭାପତି ବାଗେଡିଆ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହରର ଇସ୍କନ, ଗାରିମା ଏବଂ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଳି ବିଭିନ୍ନ ଆଧ୍ୟାତ୍ମିକ ଅନୁଷ୍ଠାନ ପକ୍ଷରୁ ଭଜନ, ଜଣାଣ ଓ ଈଶ୍ୱରୀୟ ତତ୍ତ୍ୱ ଉପରେ ଧାର୍ମିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କୋର୍ଡିନେଟର ମିଲି ମିଶ୍ର କହିଥିଲେ। ରାଜାଷ୍ଟମୀ ଅପରାହ୍ନ ୩ଟାରେ ତୁଳସୀ ଅର୍ଚ୍ଚନ କରାଯିବ। ଏଥିସହ ନନ୍ଦଗାଁ ଗୋଶାଳା ପରିସରରେ ୫୬ ଭୋଗ ଅର୍ପଣ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଥିଲା। ସମ୍ମିଳନୀରେ ସଭାପତି ଗଣେଶ ବାଗେଡିଆ, ମଞ୍ଜୁଦେବୀ ବାଗେଡିଆ, ଜୁଲି ମିଶ୍ର, ଲିଲି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗୋମନ୍ଦିର ସେବା ଟ୍ରଷ୍ଟ ସଦସ୍ୟ ପ୍ରଫୁଲ ପାତ୍ର, ଟି. ପୁରୁଷୋତ୍ତମଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସମ୍ପାଦକ ଶୁଭ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରକ୍ଷଣାବେକ୍ଷଣ ଅଭାବରୁ ଅବସ୍ଥା ଶୋଚନୀୟ

**ନବନିର୍ମିତ ଭେଣ୍ଡିଙ୍ଗ ଜୋନ୍ -୨**

**ରାଉରକେଲା,୬।୯(ବିପ୍ଳବ ରଞ୍ଜନ ଦାଶ)**


ଭେଣ୍ଡିଙ୍ଗ ଜୋନରେ ପେଭର ବ୍ଲକଗୁଡିକ ଭୁଶୁଡି ପଡିଛି।

ଆଜିକୁ ପାଖାପାଖି ବର୍ଷେ ତଳୁ ଜେଲରୋଡ ରାସ୍ତାରେ ୧ କୋଟି ଟଙ୍କା ବ୍ୟୟରେ ଭେଣ୍ଡିଂ ଜୋନ-୨ ନିର୍ମାଣ ହୋଇଥିଲେ ମଧ ରକ୍ଷଣାବେକ୍ଷଣ ଅଭାବରୁ ତାର ଅବସ୍ଥା ଶୋଚନୀୟ ହେବାରେ ଲାଗିଛି। ଅନ୍ୟପଟେ ଭେଣ୍ଡିଂ ଜୋନ୍‌ରେ ୬୭ଟି ଦୋକାନରୁ ଏପର୍ଯ୍ୟନ୍ତ ୧୦ଟି ଦୋକାନ ଖୋଲିଛି। ଅନ୍ୟ ଦୋକାନଗୁଡିକ ବନ୍ଦ ରହିଥିବା ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, ଉକ୍ତ ଭେଣ୍ଡିଂ ଜୋନରେ ୧୩୦ ଉଠାଦୋକାନୀଙ୍କୁ ଥଇଥାନ କରାଯିବା ଲାଗି ଆରଏମ୍‌ସି ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଏହି କ୍ରମରେ ଉଠାଦୋକାନୀଙ୍କୁ ଦୋକାନ ଖୋଲିବାକୁ ଅନୁମତି ଦେବା ସହିତ ଗତ ଅକ୍ଟୋବର ୧ତାରିଖରୁ କ୍ୟାବିନ ଭଡା ମଧ ଲାଗୁ ହେଲା। ସେହିପରି ଭେଣ୍ଡିଂ ଜୋନ ସମ୍ମୁଖରେ ବେଆଇନ ଦୋକାନ ଖୋଲିଥିବା ବ୍ୟବସାୟୀଙ୍କୁ ଗତ ଅକ୍ଟୋବର ୩୦ତାରିଖ ମଧରେ ଦୋକାନ ଉଠାଇ ନେବାକୁ କୁହାଗଲା। ମାତ୍ର ଏଯାଏ ତାହା ହେଲାନାହିଁ। ଅନ୍ୟପଟେ ଏହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ରାଜନେତା ବିରେନ ସେନାପତି ଆର୍‌ଏମ୍‌ସିର ଦାୟିତ୍ୱବୋଧ ଉପରେ ପ୍ରଶ୍ନ କରିବା ସହିତ ଭେଣ୍ଡିଂ ଜୋନର ରକ୍ଷଣାବେକ୍ଷଣାରେ ଚରମ ଅବହେଳା ହେଉଥିବା କହିଛନ୍ତି। ଅନ୍ୟପଟେ ଭେଣ୍ଡିଙ୍ଗ ଜୋନର ପଦ୍ମାବତୀ ସାହୁ, ସୁକାନ୍ତି ମଲ୍ଲିକ, ସସ୍ମିତା ନାୟକ, ଉତ୍ତମ ଦାସ, ଏସ୍. କେ. ମୁସ୍ତାଜ ଅଲ୍ଲୀ ପ୍ରମୁଖ ବ୍ୟବସାୟୀ ତୁରନ୍ତ ଭେଣ୍ଡିଂ ଜୋନରେ ଥଇଥାନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

# ଷ୍ଟିଲସିଟିରେ ଘରୋଇ ସ୍କୁଲର ମନମାନି

**ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ: ଏଡିଏମ୍**

**ରାଉରକେଲା,୬।୯(ସଙ୍ଗୀତା ଜେନା)**

ଇସ୍ପାତ ସହରରେ ଓଡ଼ିଆ ମାଧ୍ୟମ ସ୍କୁଲ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଶିଳ୍ପାଞ୍ଚଳରେ ପ୍ରାୟ ପ୍ରତ୍ୟେକ ସେକ୍ଟରରେ ଥିବା ପ୍ରାଥମିକ, ଉଚ୍ଚପ୍ରାଥମିକ ସ୍କୁଲଗୁଡ଼ିକ ଛାତ୍ରୀଛାତ୍ର ଅଭାବରୁ ବନ୍ଦ ହୋଇଯାଉଛି। ଏହାର ସୁଯୋଗ ନେଇ ଘରୋଇ ଇଂଲିଶ ମାଧ୍ୟମ ସ୍କୁଲ ସଂଖ୍ୟା ଆଶାତୀତ ବୃଦ୍ଧି ପାଇଛି। ପ୍ରାୟ ସବୁବର୍ଗର ଲୋକେ ନିଜ ପିଲାମାନଙ୍କୁ ଏହି ସ୍କୁଲଗୁଡ଼ିକୁ ଶିକ୍ଷାଲାଭ ପାଇଁ ପଠାଉଛନ୍ତି। ଅପରପକ୍ଷେ ଏପରି ସ୍କୁଲଗୁଡ଼ିକର ମନମୁଖୀ କାର୍ଯ୍ୟକଳାପ ଛାତ୍ରୀଛାତ୍ରୀ, ଅଭିଭାବକଙ୍କୁ ଅସନ୍ତୁଷ୍ଟ କରିବା ଭଳି ଘଟଣା ଲୋକଲୋଚନକୁ ଆସିଛି। ସ୍କୁଲରେ ମାସିକ ଫିସ୍ ଦେବାରେ ବ୍ୟତିକ୍ରମ ହେଲେ ସିଧାସଳଖ ସ୍କୁଲ କର୍ତ୍ତୃପକ୍ଷ ଉକ୍ତ ଛାତ୍ରୀଛାତ୍ରଙ୍କୁ ସ୍କୁଲ ଆସିବା ଲାଗି ମନା କରୁଛନ୍ତି। ଏପରିକି ସ୍କୁଲ ତଥା ଶ୍ରେଣୀର ହ୍ୱାଟ୍‌ସଆପ୍ ଗ୍ରୁପ୍‌ରୁ ଏଭଳି ଛାତ୍ରୀଛାତ୍ରଙ୍କୁ ବାସନ୍ଦ କରାଯାଉଛି। ଏହାର ବିରୋଧ କରିବାକୁ କୌଣସି ଅଭିଭାବକ ସାହାସ କରୁନାହାନ୍ତି। ସେମାନେ ନିଜ ପିଲାମାନଙ୍କ କ୍ୟାରିୟରକୁ ଦୃଷ୍ଟିରେ ରଖି ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଯିବାକୁ ଭୟ କରୁଛନ୍ତି। ବିଭିନ୍ନ ଅଞ୍ଚଳରେ ଥିବା ଏକାଧିକ ଇଂଲିଶ ମିଡ଼ିୟମ ସ୍କୁଲର ଏତାଦୃଶ ବ୍ୟବହାର ବୃଦ୍ଧିଜୀବୀ ମହଲରେ ଆଲୋଡ଼ନ ସୃଷ୍ଟି କରିଛି।

ସେକ୍ଟର ୧୯ରେ ଥିବା ଏକ ଘରୋଇ ସ୍କୁଲରେ ଏପରି ମାସିକ ଫିସ୍ ଦେବା ଘଟଣାକୁ ନେଇ ୨ଜଣ ଛାତ୍ରୀଙ୍କୁ ସ୍କୁଲ ନ ପଠାଇବାକୁ ଅଭିଭାବକଙ୍କୁ କୁହାଯାଇଥିବା ସୂଚନା ମିଳିଛି। ଅଭିଭାବକ ଜଣଙ୍କ ଏହାକୁ ଖୋଲାଖୋଲି ବିରୋଧ କରୁ ନ ଥିବାବେଳେ ସ୍କୁଲ କର୍ତ୍ତୃପକ୍ଷ ଏହାର ଲାଭ ଉଠାଇବାରେ ବ୍ୟସ୍ତ ଅଛନ୍ତି। ନିଜ ନାମ ଗୋପନ ରଖି ଉକ୍ତ ଅଭିଭାବକ କହିଛନ୍ତି, ସେହି ସ୍କୁଲରେ ତାଙ୍କର ୨ଝିଅ ପାଠ ପଢୁଛନ୍ତି। ହେଲେ ତାଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ କିଛି ମାସ ହେଲା ସ୍କୁଲ ଫିସ୍ ଦେବାରେ ଅସୁବିଧା ହେଉଛି। ମାର୍ଚ୍ଚ ମାସରେ ଦୁଇ ଝିଅଙ୍କ ରି ଆଡମିଶନ୍ ବାବଦ ଟଙ୍କା ଓ ଏକ ମାସର ଫିସ୍ ଜମା କରାଯାଇଥିଲା। ପରେ ଫିସ୍ ଜମା ନ ହେବାରୁ ଉକ୍ତ ସ୍କୁଲ ରେଜିଷ୍ଟରରୁ କୁଆଡେ ୨ ଝିଅଙ୍କ ନାମ କଟିଯାଇଥିଲା। ପୁଣିଥରେ ରି ଆଡମିଶନ କରି ମାସିକ ଫିସ୍ ଜମା କରିବାକୁ ଅଭିଭାବକଙ୍କୁ କୁହାଯାଇଥିଲା। ଏପରି ନ କଲେ ଝିଅଙ୍କୁ ସ୍କୁଲ ନ ପଠାଇବା ପାଇଁ ସୂଚନା ଦିଆଯାଇଥିଲା। ସ୍କୁଲକୁ ବିରୋଧ କରିବାକୁ ସାହାସ ହେଉନାହିଁ। କାରଣ ସ୍କୁଲ ହାତରେ ଝିଅଙ୍କ କ୍ୟାରିୟର ରହିଛି। ଝିଅମାନଙ୍କ ପ୍ରତି ସ୍କୁଲ ପ୍ରତିଶୋଧ ନେବା ଭୟ ରହିଛି ବୋଲି ଉକ୍ତ ଅଭିଭାବକ ଜଣଙ୍କ କହିଛନ୍ତି। ଏହି ପରିପ୍ରେକ୍ଷୀରେ ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚରାଯିବାରୁ ସେ କହିଲେ, ରାଉରକେଲାରେ ପରିଚାଳିତ ଇଂଲିଶ ମାଧ୍ୟମ ସ୍କୁଲଗୁଡ଼ିକ ବିଶ୍ରା ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଆସୁଛି। ସ୍କୁଲଗତ ସମସ୍ୟାଗୁଡ଼ିକ ବିଶ୍ରା ଶିକ୍ଷାଧିକାରୀ ସମାଧାନ କରିପାରିବେ। ଏପରି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଆମ ନିକଟକୁ ଅଭିଯୋଗ ଆସିଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏଡିଏମ୍ କୁଲକର୍ଣ୍ଣୀ କହିଥିଲେ।

# ସମଲେଇ ମନ୍ଦିରରେ ସିନ୍ଦୂର ନୀତି




ସମଲେଇ ମନ୍ଦିର ପରିସରରେ ନୂଆଁଖାଇ ପର୍ବ ସକାଶେ ଶିଳ୍ପୀମାନେ ଦେବୀଙ୍କ ରୌପ୍ୟ ଖଚିତ ପରଭା ପ୍ରସ୍ତୁତ କରୁଛନ୍ତି(ବାମ), ସମଲେଇ ମନ୍ଦିର ପାର୍ଶ୍ୱ ଦେବଦେବୀଙ୍କୁ ସିନ୍ଦୂର ଲଗାଯାଉଛି।

ସମ୍ବଲପୁର,୬।୯ (ବ୍ୟୁରୋ)

ଦିନକ ପରେ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ। ଏଥିପାଇଁ ଗ୍ରାମରୁ ସହର ଉତ୍ସବ ମୁଖର ହୋଇଛି। ପରମ୍ପରା, ରୀତିନୀତି ଅନୁସାରେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ତଥା ୮ ତାରିଖ ରବିବାର ଇଷ୍ଟଦେବୀ ସମଲେଇଙ୍କଠାରେ ନବାନ୍ନ ଭୋଗ ଲାଗିବ। ତେଣୁ ମନ୍ଦିର ପୂଜକମାନେ ପ୍ରସ୍ତୁତିରେ ଲାଗିଛନ୍ତି। ଏହିକ୍ରମରେ ଶୁକ୍ରବାର ସକାଳେ ରୀତିନୀତି ଓ ପରମ୍ପରାନୁସାରେ ଇଷ୍ଟଦେବୀ ସମଲେଇ ମନ୍ଦିର ପରିସରସ୍ଥ ୧୦୮ ଦେବଦେବୀଙ୍କୁ ସିନ୍ଦୂର ନୀତି ଲାଗି ହୋଇଛି। ପାରଦ ମିଶ୍ରିତ ସିନ୍ଦୁର ଓ ଜଡାତେଳ ମିଶ୍ରଣ କରି ସିନ୍ଦୂର ପ୍ରସ୍ତୁତ ହୋଇଥିଲା। ପୂଜାର୍ଚ୍ଚନା ପୂର୍ବକ ସର୍ବ ପ୍ରଥମେ ଶୀତଳା ଦେବୀଙ୍କୁ ପୂଜକମାନେ ସିନ୍ଦୂର ଅର୍ପଣ କରିଥିଲେ । ଘଣ୍ଟ ଶଙ୍ଖ, ହରିବୋଲ ହୁଳହୁଳି ଧ୍ୱନିରେ ଉଚ୍ଛୁଳି ପଡୁଥିଲା ମନ୍ଦିର ପରିସର। ଶିବା ପ୍ରସାଦ ରାୟ, ଲଲାଟ ରାୟ, ଆୟୁଷ୍ମାନ ରାୟ, ଶ୍ୟାମ ରାୟ ଓ ଅମନ ରାୟ ସିନ୍ଦୁର ଅର୍ପଣ କରିଥିଲେ। ଗଣପର୍ବ ସକାଶେ ମନ୍ଦିର ଓ ମୁଖ୍ୟ ଫାଟକ ବିଭିନ୍ନ ରଙ୍ଗିନ ଆଲୋକମାଳା ଏବଂ ଫୁଲରେ ସଜ୍ଜିତ ହୋଇଛି। ସେହିପରି ସିନ୍ଦୁର ଅର୍ପଣ ସହ ସମଲେଇଙ୍କ ଆଭୂଷଣ ପ୍ରସ୍ତୁତ କରାଯାଇଛି। ସୁନା ଓ ରୂପା ଅଳଙ୍କାରଗୁଡ଼ିକୁ ସଫା କରାଯାଇ ଯତ୍ନ ସହ ରଖା ଯାଇଛି। ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ଘରେ ଦେବୀଙ୍କ ପ୍ରିୟ ସାରୁପତ୍ର ଶୁକ୍ରବାର ପହଞ୍ଚିଛି। ସାରୁ ପତ୍ରରେ ଶାଗ ପ୍ରସ୍ତୁତ କରି ସମଲେଇଙ୍କୁ ଅର୍ପଣ କରିବା ବିଧି ବିଧାନ ରହିଛି। ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ତତ୍ତ୍ୱାବଧାନରେ ଶନିବାର ରାତିରେ ଦେବୀ ସମଲେଇଙ୍କଠାରେ ସିନ୍ଦୂର ଅର୍ପଣ ନୀତି ରହିଛି। ଏତତ୍‌ବ୍ୟତୀତ ପଶ୍ଚିମ ଓଡିଶା ବୌଦ୍ଧର ଭୈରବୀ, ନୂଆଁପଡା ଜିଲାର ଟାନ୍‌ୱାଟ କଣା ଭଇଁରା, ବରଗଡ ଓ ଝାରସୁଗୁଡାର ସମଲେଇ, ସୁନ୍ଦରଗଡ ଜିଲାର ସମଲେଇ ଓ ଶିଖରବାସିନୀ, ବଲାଙ୍ଗୀରର ଇଷ୍ଟଦେବୀ ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ ପୀଠରେ ମଧ୍ୟ ନୂଆଁଖାଇ ଲାଗି ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଏହିକ୍ରମରେ ଗ୍ରାମ ଓ ସହର ଛାଡି ଦୂରଦୂରାନ୍ତରେ ରହୁଥିବା ପରିବାରବର୍ଗ ଶୁକ୍ରବାର ଆସି ପହଞ୍ଚିଛନ୍ତି। ସମ୍ବଲପୁର ସମେତ ପଶ୍ଚିମ ଓଡିଶାର ବିଭିନ୍ନ ରେଳ ଷ୍ଟେଶନ, ବସଷ୍ଟାଣ୍ଡ, ଅଟୋଷ୍ଟାଣ୍ଡରେ ଜନସାଧାରଣଙ୍କ ଭିଡ ଲାଗି ରହିଥିଲା । ଝାଡୁଆପଡା ବଡଦୁଆରେ ସ୍ଥିତ ଆରଣ୍ୟକ ମଞ୍ଚ, ନନ୍ଦପଡା ବାଲୁଙ୍କେଶ୍ୱର କଲ୍ୟାଣ ମଣ୍ଡପ ସ୍ଥିତ ଚିତ୍ରୋତ୍ପଳା ମଞ୍ଚ, ବଡବଜାର ସମଲେଶ୍ୱରୀ ମଣ୍ଡପକୁ ନୂଆଁଖାଇ ଭେଟ୍‌ଘାଟ ଲାଗି ସଜ୍ଜିତ କରାଯାଇଛି। କଳାକାରମାନେ ସୁସଜ୍ଜିତ ମଞ୍ଚରେ ଅଭ୍ୟାସ ଶେଷ କରିଛନ୍ତି । ଅପରପକ୍ଷେ ସକାଳ ୭ଟାରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ ସମ୍ବଲପୁର ମୁଖ୍ୟବଜାର ଗୋଲବଜାର, ମୁଦିପଡା ଛକ ନିକଟସ୍ଥ ପୁରୁଣା ବସଷ୍ଟାଣ୍ଡ, ଭିଏସଏସ ମାର୍ଗ,ଚାରଭାଟି ଛକ, ବୁଢ଼ାରଜା, କମଳିବଜାର, ଫାର୍ମ ରୋଡ, ମ୍ୟୁନିସିପାଲଟି ଦୈନିକ ବଜାର, ଅଇଁଠାପାଲି କାଇଁଶିର, ଭାଲୁପାଲି ଛକ, ଧନୁପାଲି ଛକ, ଗୋବିନ୍ଦଟୋଲା ବଡବଜାର, ମୁଦିପଡା ହଟଲି, ଲକ୍ଷ୍ମୀ ଟକିଜ୍ ଛକ ନିକଟ, କଚେରୀ ଛକ, ରେମେଡ ପ୍ରଭୃତି ଅଞ୍ଚଳରେ ନୂଆଁଖାଇ ବଜାର ଗହଳି ହୋଇଥିଲା ।

**ଦିନକ ପରେ ଗଣପର୍ବ ନୂଆଁଖାଇ**

## ସଂକ୍ଷେପରେ

### ନୂଆଁଖାଇ ପାଇଁ ଅସହାୟ ପରିବାରକୁ ସାମଗ୍ରୀ ବଣ୍ଟନ

ସମ୍ବଲପୁର,୬।୯(ଭବାନୀ ଶଙ୍କର ଭୋଇ)

ଗଣପର୍ବ ନୂଆଁଖାଇ ଉପଲକ୍ଷେ ସମଲେଇ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ରାଶନ ସାମଗ୍ରୀ ଏବଂ କପଡା ବଣ୍ଟନ କରାଯାଇଛି। ସମ୍ବଲପୁର ଦୁର୍ଗାପାଲି କୁଷ୍ଠାଶ୍ରମ ନିକଟ ବସ୍ତିରେ ଗରିବ ପରିବାରଗୁଡିକ ପାଇଁ ନୂଆଁ ଖାଇବା, ନୂଆ ପିନ୍ଧିବା ବ୍ୟବସ୍ଥା କରି ଅସହାୟଙ୍କ ମୁହଁରେ ଖୁସି ଆଣିବା ପାଇଁ ଏକ ପ୍ରୟାସ କରାଯାଇଛି। ଏହି ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମରେ ନିଶିକାନ୍ତ ବିଶ୍ୱାଳ, ଆଲୋକ ମହାକୁର, ଆଶିଷ ସାହୁ, କାହ୍ନୁଚରଣ ଷଡ଼ଙ୍ଗୀ, ରାଜେନ୍ଦ୍ର ସତନାମୀ, ସୁନୀଲ ସାଗର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବସ୍ତିର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମହାନଗର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଟ୍ରଷ୍ଟ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା।

### ସମ୍ବଲପୁର ଆଇଆଇଏମ୍‌ରେ ପୁସ୍ତକମେଳା

ସମ୍ବଲପୁର, ୬।୯(ପ୍ରମୋଦ ବହିଦାର)

ସମ୍ବଲପୁର ବସନ୍ତପୁରସ୍ଥିତ ଆଇଆଇଏମ୍ କ୍ୟାମ୍ପସରେ ଗୁରୁବାର ଦ୍ୱିତୀୟ ବାର୍ଷିକ ପୁସ୍ତକ ମେଳାର ଶୁଭାରମ୍ଭ ହୋଇଛି। ୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ପୁସ୍ତକ ମେଳାକୁ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରେଫେସର ମହାଦେବ ଜୟସ୍ୱାଲ ଉଦ୍‌ଘାଟନ କରିଥିଲେ। ପୁସ୍ତକ ମେଳାରେ ବ୍ଲୁମସ୍‌ବେରୀ, ସେଙ୍ଗେଜ୍, ମ୍ୟାକଗ୍ରୋ-ହିଲ୍, ୱିଲି, ସେଜ୍, ସ୍ପ୍ରିଙ୍ଗର ନେଚର, ଟେଲର ଆଣ୍ଡ ଫ୍ରାନସିସ୍, ସିଆରସି, ରୁଟଲେଜ୍ ଓ ସିବିଏସ୍ ପବ୍ଲିକେସନ୍ ଭଳି ଦେଶର ଅନେକ ଖ୍ୟାତାନାମା ପ୍ରକାଶକ, ପୁସ୍ତକ ବିକ୍ରେତା ଓ ବିତରକ ଭାଗ ନେଇଛନ୍ତି। ମେଳାରେ ପ୍ରଦର୍ଶିତ ପୁସ୍ତକଗୁଡ଼ିକୁ ମ୍ୟାନେଜମେଣ୍ଟ ଓ ପରିଚାଳନା ଆଦି ପାଠ୍ୟ ସମ୍ବନ୍ଧୀୟ ପୁସ୍ତକ, ଗଳ୍ପ, ଏକାଙ୍କିକା ଓ ଜ୍ଞାନବର୍ଦ୍ଧକ ପୁସ୍ତକ ଆଦି ଦୁଇଟି ପ୍ରାଥମିକ ବର୍ଗରେ ବିଭକ୍ତ କରାଯାଇଛି। ଏହି ମେଳାରେ ଭାଗନେବାକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ମହିଳା ମହାବିଦ୍ୟାଳୟ, ଚିପିଲିମା କୃଷି ମହାବିଦ୍ୟାଳୟ, ଜବାହାର ନବୋଦୟ ବିଦ୍ୟାଳୟର ଆଦି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ଉକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଆଇଆଇଏମ୍ ନିର୍ଦ୍ଦେଶକଙ୍କ ଦ୍ୱାରା କୁଇଜ୍ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା।

### ନାକଟୀଦେଉଳ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ନାକଟୀଦେଉଳ,୬।୯(ବୈକୁଣ୍ଠନାଥ ସାହୁ)

ଶିକ୍ଷକମାନେ ହେଉଛନ୍ତି ରାଷ୍ଟ୍ର ନିର୍ମାତା। ଶିକ୍ଷକମାନଙ୍କର ଆଚରଣ, ଚରିତ୍ର, ଭାବବିନିମୟ ଛାତ୍ରୀଛାତ୍ରମାନଙ୍କ ଜୀବନ ବର୍ଦ୍ଧନରେ ସହାୟକ ହୋଇଥାଏ। ପ୍ରାଚୀନ ଗୁରୁକୁଳରେ ଗୁରୁ-ଶିଷ୍ୟ ସମ୍ପର୍କ ସୁଦୃଢ ଥିଲା। ସାମ୍ପ୍ରତିକ ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ସେ ସମୟର ଐତିହ ଫେରାଇ ଆଣିବାକୁ ହେଲେ ଶିକ୍ଷକମାନଙ୍କୁ ଆତ୍ମସମୀକ୍ଷା କରିବାକୁ ପଡିବ। ସମ୍ବଲପୁର ଜିଲା ନାକଟୀଦେଉଳ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। ନାକଟୀଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ନାକଟୀଦେଉଳ ସ୍ନାତକ ମହାବିଦ୍ୟାଳୟର ମିଳିତ ପ୍ରୟାସରେ ଅନୁଷ୍ଠିତ ୪୨ତମ ପ୍ରତିଷ୍ଠା ଉତ୍ସବ ତଥା ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଯୁକ୍ତ ୨ କଲେଜ ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ ମୁଖ୍ୟ ଅତିଥି, ବାରକୋଟ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ସାହୁ ମୁଖ୍ୟବକ୍ତା, ପ୍ରତିଷ୍ଠାତା ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ ଓ ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନ ଗ୍ରନ୍ଥାଗାରିକ ଅରୁଣ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଡ.ପ୍ରଶାନ୍ତ କୁମାର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗତ ବାର୍ଷିକ ପରୀକ୍ଷାରେ କଳା ଓ ବିଜ୍ଞାନ ବିଭାଗରେ ଟପ୍ପର ହୋଇଥିବା ଛାତ୍ରୀ ହରପ୍ରିୟା ଦେହୁରୀ, ଛାତ୍ର ଅଂଶୁମାନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ସରୋଜ ଭୁଏ ସଭା ପରିଚାଳନା କରିଥିଲେ। ଅଧ୍ୟାପିକା ବିନୀତା ମୁର୍ମୁ ଓ ବିଶ୍ୱଜିତ ସାହୁଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ରକାଶିତ ହେଲା ସମ୍ବଲପୁରୀ ଶିଶୁ କଥାନି

ସମ୍ବଲପୁର,୬।୯(ଭବାନୀ ଶଙ୍କର ଭୋଇ)

ଶିଶୁ ମାନଙ୍କ ପାଇଁ କାର୍ଯ୍ୟ କରୁଥିବା ବୁର୍ଲାର ଆଲୋକ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ଶିଶୁ ଗଳ୍ପ ପୁସ୍ତକର ଉନ୍ମୋଚନ ହୋଇଛି। ଅନୁଷ୍ଠାନ ସମ୍ପାଦକ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଅବସରପ୍ରାପ୍ତ ପ୍ରଫେସର ଅଶୋକ କୁମାର ଦାସ, ବିଶିଷ୍ଟ ସମ୍ବଲପୁରୀ ଗବେଷକ ଡ଼ ନିମାଇଁ ଚରଣ ପଣ୍ଡା, ଅନୁଷ୍ଠାନ ମୁଖ୍ୟ ଉପଦେଷ୍ଟା ପ୍ରଫେସର ରାମ ନରେଶ ମହାଲିଙ୍ଗ, ସାମାଜିକ କର୍ମୀ ରୂପା ମିଶ୍ର, ରାମଦାସ ପଣ୍ଡା, ହିଣ୍ଡାଲକୋର ସିଏସଆର ବିଭାଗର ସୁକାନ୍ତ ମହାପାତ୍ର, ଭିମସାର ସର୍ଜରୀ ବିଭାଗ ଅବସରପ୍ରାପ୍ତ ପ୍ରଫେସର ବ୍ରଜ ମୋହନ ମିଶ୍ର, ପରିବେଶ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ସଙ୍ଗୀତ କୁମାର ସାହୁ ଅତିଥିଭାବେ ଯୋଗଦେଇ ସମ୍ବଲପୁରୀ ପୁସ୍ତକକୁ ଉନ୍ମୋଚନ କରିଥିଲେ। ସମ୍ପାଦନା କରିଥିବା ଲକ୍ଷ୍ମୀ ନାରାୟଣ ପଣ୍ଡା ପୁସ୍ତକ ବିଷୟରେ ସୂଚନା ଦେଇଥିଲେ। ଅନୁଷ୍ଠାନର ବିଭିନ୍ନ ପ୍ରକଳ୍ପର ଉପଦେଷ୍ଟା ଭାରତୀ ପଣ୍ଡା, ଡ଼ ଦୀପାଲି ନାଏକ, ବୀଣାପାଣି ବେହେରା, ଡ଼ ସ୍ୱୟଂ ପ୍ରକାଶ ପଣ୍ଡା ଉପସ୍ଥିତ ଥିଲେ। ଏହି ପୁସ୍ତକରେ ଶିଶୁମାନଙ୍କ ପାଇଁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ୨୬ ଜଣ ଲେଖକଙ୍କ ସମ୍ବଲପୁରୀ ଶିଶୁ ଗଳ୍ପ ସ୍ଥାନିତ ହୋଇଛି। ପୁସ୍ତକରୁ ମିଳବାକୁ ଥିବା ଲାଭାଂଶରେ ୪୩୦ ଶିଶୁଙ୍କୁ ଶିକ୍ଷାଦାନ କରୁଥିବା ଶିକ୍ଷକଙ୍କ ଦରମା ଓ ଆର୍ଥିକ ସ୍ତରରେ ଦୁର୍ବଳଥିବା ମେଧାବୀ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ନିମନ୍ତେ ଖର୍ଚ୍ଚ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।

# ଦିବ୍ୟାଙ୍ଗଙ୍କୁ ବ୍ୟାଟେରି ଚାଳିତ ସାଇକେଲ ଦେଲେ ବିଧାୟକ

ରେଢାଖୋଲ,୬।୯(ଅଚ୍ୟୁତାନନ୍ଦ ପୁରୋହିତ)



ରେଢାଖୋଲ ବିଧାୟକ ତଥା ବିଧାନ ସଭାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ସ୍ଥାନୀୟ କଇଥ ସାହିର ଦିବ୍ୟାଙ୍ଗ ସଞ୍ଜିତ ନାଏକଙ୍କୁ ବ୍ୟାଟେରି ଚାଳିତ ସାଇକେଲ ପ୍ରଦାନ କରିଛନ୍ତି। ଗତ ସାଧାରଣ ନିର୍ବାଚନ ବେଳେ ସାଇକେଲ ଦେବାକୁ ସମ୍ପୃକ୍ତ ଦିବ୍ୟାଙ୍ଗଙ୍କୁ ଆଚାର୍ଯ୍ୟ ପ୍ରତିଶ୍ରୁତି ଦେଇଥିଲେ। ଶୁକ୍ରବାର ରେଢାଖୋଲ ଗସ୍ତ ବେଳେ ସଞ୍ଜିତଙ୍କୁ ସାକ୍ଷାତ କରିବା ଅବସରରେ ସାଇକେଲ ପ୍ରଦାନ କରିଥିଲେ। ବିଧାୟକଙ୍କ ସହ ରେଢ଼ାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଜିଲା ବିଜେଡି ସମ୍ପାଦକ ପୁରୁଷୋତ୍ତମ ଅଗ୍ରୱାଲ, ଛାତ୍ର ସଭାପତି ଶିବଶମ୍ଭୁ ନନ୍ଦ, ରାଜୀବ ଲୋଚନ ପ୍ରଧାନ, ଦୀପକ ବିଶ୍ୱାଳ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡି

ସମ୍ବଲପୁର, ୬।୯(ପ୍ରମୋଦ ବହିଦାର)



ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ମନ୍ଦିର ପରିସରରେ ପ୍ରସ୍ତୁତି ଜାରି ରହିଛି।

ନୂଆଁଖାଇରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନର ପରମ୍ପରା ରହିଛି। ତେଣୁ ଏହି ଦିନ ପୀଠରେ ପ୍ରବଳ ଜନସମାଗମ ହେବ। ଉକ୍ତଦିନ ମନ୍ଦିର ପରିସରସ୍ଥ ମଧ୍ୟସ୍ଥଳିରେ ସମଲେଶ୍ୱରୀ ଯୁବକ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ହେବ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଅତିଥିଭାବେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ମନ୍ଦିର ପରିସରରେ ଜୋର ସୋରରେ ପ୍ରସ୍ତୁତି ଚାଲିଛି। ମାତ୍ର ଏହି କାର୍ଯ୍ୟକ୍ରମ ଭକ୍ତଙ୍କ ଧାଡ଼ି ଦର୍ଶନରେ ବାଧକ ସୃଷ୍ଟି କରିବା ଆଶଙ୍କା ହେବା ଚର୍ଚ୍ଚା ହେଉଛି। ହେଲେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ନୂଆଁଖାଇ ଭେଟ୍‌ଘାଟ୍ ପାଇଁ ନିର୍ମାଣ ହୋଇଥିବା ମଞ୍ଚ ପାଇଁ ଭକ୍ତଙ୍କ ଧାଡ଼ି ଦର୍ଶନ ବାଧାପ୍ରାପ୍ତ ହେବା ଆଶଙ୍କାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ଉକ୍ତ ଆଶଙ୍କାକୁ ତଦାରଖ କରିବା ପାଇଁ ନିଜେ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ଶୁକ୍ରବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ସମୟରେ ଭକ୍ତଙ୍କ ଧାଡ଼ି ଦର୍ଶନରେ ଯେମିତି ବାଧକ ସୃଷ୍ଟି ନ କରେ ସେଥିପ୍ରତି ଯତ୍ନ ନିଆଯାଇଛି। ଭକ୍ତଙ୍କ ଧାଡ଼ି ଦର୍ଶନ ପାଇଁ ରାସ୍ତା ଛଡ଼ା ଯାଇଛି ବୋଲି ସେ କହିଛନ୍ତି। ସେହିପରି ସୁରକ୍ଷା ବ୍ୟବସ୍ଥାକୁ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟକ୍ଷ ଭାବେ ପରିଚାଳନା କରିବେ ବୋଲି ସେ କହିଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ ନେଇ ଆରକ୍ଷୀ ଅଧୀକ୍ଷକ କହିଛନ୍ତି, ସମ୍ବଲପୁରରେ ମୋଟ ୫ଟି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କାରାଯାଇଛି। ବିଭିନ୍ନ ସ୍ଥାନରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମସ୍ଥଳୀକୁ ଯାଇ ସେ ନିଜେ କ୍ଷେତ୍ର ପରିଦର୍ଶନ କରିଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଆଇଜିଙ୍କ ସହିତ ସେ ନିଜେ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବେ। ଉକ୍ତ ଦିନ ୪ ଜଣ ଅତିରିକ୍ତ ଏସ୍‌ପି, ୧୦ ଡିଏସ୍‌ପି ପାହ୍ୟା ଅଧିକାରୀ, ୪୦ ଜଣଇନ୍ସପେକ୍ଟରଙ୍କ ସହିତ ୩୦ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ କରାଯିବ ବୋଲି କହିଛନ୍ତି ଆରକ୍ଷୀ ଅଧିକ୍ଷକ ଭାମୁ।

**ନିୟୋଜିତ ହେବେ ୩୦ ପ୍ଲାଟୁନ ଫୋର୍ସ**

# ତହସିଲଦାରଙ୍କୁ ଦାବିପତ୍ର ଦେଲେ ବିସ୍ଥାପିତ

ରେଙ୍ଗାଲି ୬।୯(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡା ସ୍ଥିତ ଏନ୍‌ଏଲସି କମ୍ପାନୀ ବିରୋଧରେ ଅସନ୍ତୋଷ ପ୍ରକାଶ କରିଛନ୍ତି ବିସ୍ଥାପିତ ଅଞ୍ଚଳବାସୀ। ଶୁକ୍ରବାର ବିସ୍ଥାପିତ ଗ୍ରାମବାସୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ରେଙ୍ଗାଲି ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ତଲାବିରା ୨ ଓ ୩ କୋଇଲା ଖଣି ସମ୍ବଲପୁର ଓ ଝାରସୁଗୁଡା ଜିଲାର ମିଳିତ ଜମିରେ ପ୍ରତିଷ୍ଠିତ ହୋଇଛି। ହେଲେ ଜମି କ୍ଷତିପୂରଣ ଟଙ୍କାରେ ସର୍ବାଧିକ ୧୭ଲକ୍ଷ ଟଙ୍କର ଫରକ ଅଛି, ଏଣୁ କ୍ଷତିପୂରଣ ସମାନ ପ୍ରଦାନ କରାଯାଉ। କମ୍ପାନୀ ତାର ପୂର୍ବ ପ୍ରତିଶ୍ରୁତି ଅନୁଯାଇ ପ୍ରତି କ୍ଷତିଗ୍ରସ୍ତ ପରିବାରକୁ ମାସିକ ୩୫୦୦ ଟଙ୍କା ଏବଂ ପ୍ରତି ଦୁଇବର୍ଷରେ ୫୦୦ଟଙ୍କା ବୃଦ୍ଧି ସହ ଏନ୍ୟୁଟି ପ୍ରଦାନ, ତଲାବିରା କୋଇଲା ଖଣି ଅଞ୍ଚଳର ଶିକ୍ଷିତ ଯୁବକଙ୍କୁ ଏନଏଲସି ଓ ଆଦାନୀ ଭଳି କମ୍ପାନୀରେ ସିଧାସଳଖ ନିଯୁକ୍ତି, ଅଞ୍ଚଳରେ ସରପଞ୍ଚଙ୍କ ପ୍ରସ୍ତାବ ତଥା ଅଞ୍ଚଳର ଜନସାଧାରଙ୍କ ଦାବି ଅନୁଯାଇ ସିଏସଆର କାମ ନିର୍ଦ୍ଦିଷ୍ଟ ସମୟରେ ଶେଷ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କରାଯାଉ। ଆଗାମୀ ୧୯ ତାରିଖ ମଧ୍ୟରେ ଦାବିଗୁଡିକ ପୂରଣ କରିବାରେ ପଦକ୍ଷେପ ନ ନେଲେ ୨୦ ତାରିଖଠାରୁ ଖଣି ମୁଖ୍ୟ ଫାଟକସାମ୍ନାରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ବିସ୍ଥାପିତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବାଇକ୍ ଚୋରି ରାକେଟର ୫ ଗିରଫ



ଗିରଫ ଅଭିଯୁକ୍ତମାନେ।

ସମ୍ବଲପୁର, ୬।୯(ପ୍ରମୋଦ ବହିଦାର)

ସମ୍ବଲପୁର ଧନୁପାଲି ପୋଲିସ ଏକ ବାଇକ୍ ଚୋରି ରାକେଟ୍‌ର ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୧ଟି ଚୋରି ବାଇକ ଜବତ କରାଯାଇଛି। ଶୁକ୍ରବାର ଅପରାହ୍ନରେ ଧନୁପାଲି ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ଏସ୍‌ଡିପିଓ ତୋଫାନ ବାଗ। ଏସ୍‌ଡିପିଓ ବାଗ ସୂଚନା ଦେଇ କହିଛନ୍ତି ଯେ, ଗତ ସେପ୍ଟେମ୍ବର ୩ରେ ଧନୁପାଲି ଥାନା ଅନ୍ତର୍ଗତ ଭତରା ମଠପାଲି ଅଞ୍ଚଳର ଶେଷଦେବ ବରିହାଙ୍କ ସ୍କୁଟି ଚୋରି ହୋଇ ଯାଇଥିଲା। ଏ ନେଇ ବରିହା ଧନୁପାଲି ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ଧନୁପାଲି ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବାଇକ୍ ଚୋରି ରାକେଟ୍‌ର ୫ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଧନୁପାଲି ଥାନା ଭତରା ବେତ୍ରାପଡ଼ାର ସାମଲ ହରି(୨୨), ଅର୍ଜୁନ ନାୟକ(୨୧), ଗୁଣ୍ଡେରପୁରର ଅରକ୍ଷିତ ବାଗ ଓରଫ ଠୁଲୁ(୨୪), ମଠପାଲିର ପିଣ୍ଟୁ ଗୁରୁ(୨୦) ଓ ସଞ୍ଜୀବ ଭୋଇ(୨୪)। ସେମାନଙ୍କ ନିକଟରୁ ଅଭିଯୋଗକାରୀ ବରିହାଙ୍କ ବାଇକ୍ ସହିତ ଗୋଟିଏ ସ୍କୁଟି, ୧୦ଟି ବାଇକ ପୋଲିସ ଜବତ କରିଥିଲା। ଶୁକ୍ରବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ତଦନ୍ତ ଜାରି ରହିଥିବା ବେଳେ ଏହି ରାକେଟ୍‌ରେ ଅଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ନେଇ ସନ୍ଦେହ କରି ସେଦିଗରେ ପୋଲିସ ଅନୁସନ୍ଧାନ କରୁଛି ବୋଲି ବାଗ କହିଛନ୍ତି।

# ଭିମ୍‌ସାରକୁ ରୋଗୀଙ୍କ ବିଶ୍ୱାସର କେନ୍ଦ୍ର କର

ସମ୍ବଲପୁର,୬।୯(ଭବାନୀ ଶଙ୍କର ଭୋଇ)

ଭିମସାରକୁ ରୋଗୀଙ୍କ ବିଶ୍ୱାସ କେନ୍ଦ୍ର ଭାବେ ତିଆରି କରିବାକୁ ହେବ। ଶୁକ୍ରବାର ଭିମସାର ପରିଦର୍ଶନ ସମୟରେ ଏହା କହିଛନ୍ତି ଉତ୍ତରାଞ୍ଚଳ ରାଜସ୍ୱ କମିଶନର(ଆରଡିସି) ସଚିନ ରାମଚନ୍ଦ୍ର ଯାଦବ। ପରିଦର୍ଶନ ସମୟରେ ମେଡିକାଲ କଲେଜ ଅଧ୍ୟକ୍ଷ ଡାକ୍ତର ପ୍ରଦୀପ କୁମାର ମହାନ୍ତି, ଭିମସାର ନିର୍ଦ୍ଦେଶକ ଡାକ୍ତର ଭାବଗ୍ରାହୀ ରଥ, ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଲାଲମୋହନ ନାୟକଙ୍କ ସହ ସମସ୍ତ ବିଭାଗୀୟ ମୁଖ୍ୟ, କଲେଜ କର୍ମକର୍ତ୍ତା ଓ ଛାତ୍ରୀଛାତ୍ରଙ୍କ ସହ ସେ ଆରଡିସି ଯାଦବ ଆଲୋଚନା କରିଥିଲେ। ଏହାପରେ ମେଡିକାଲର କାଜୁଆଲିଟି, ଟ୍ରମାସେଣ୍ଟର, ଆଉଟଡୋର ପରିଦର୍ଶନ କରି ଭିତିଭୂମି, ଡାକ୍ତର ତ୍ନିଯୁକ୍ତି, ରୋଗୀମାନଙ୍କର ସୁବିଧା ଅସୁବିଧା ବୁଝିଥିଲେ। ଭିମସାର ପାଇଁ ନିର୍ମାଣ ହେବାକୁ ଥିବା ସରକାରୀ ପ୍ରକଳ୍ପ ଏବଂ ତାର ଅଗ୍ରଗତି ସମୟରେ ମଧ କର୍ତ୍ତୃପକ୍ଷଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ଏହି ଅବସରରେ ଡାକ୍ତରମାନେ ରୋଗୀ ଓ ରୋଗୀ ପରିଜନଙ୍କୁ ଉତ୍ତମ ବ୍ୟବହାର, ରୋଗୀଙ୍କ ପାଇଁ ସୂଚନା ପ୍ରଦାନ ବ୍ୟବସ୍ଥାରେ ସୁଧାର ଉପରେ ଉପଯୁକ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଡାକ୍ତର ଏବଂ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।



ଉତ୍ତରାଞ୍ଚଳ ଆର୍‌ଡିସି ଭିମ୍‌ସାର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି ।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପୁନର୍ଗଠନ କର

ସମ୍ବଲପୁର,୬।୯(ଭବାନୀ ଶଙ୍କର ଭୋଇ)



ଆଦିବାସୀ ନେତାମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଆଦିବାସୀ, ଜନଜାତି ଓ ଦଳିତ ବର୍ଗ ସଙ୍ଗଠନଙ୍କ ଜିଲାପାଳଙ୍କୁ ଦାବିପତ୍ର**

ରାଜ୍ୟ ସରକାରଙ୍କ ଆଦିବାସୀ, ଜନଜାତି, ଦଳିତ ମାନଙ୍କର ସାମାଜିକ, ସାଂସ୍କୃତିକ ପରମ୍ପରାର ବିକାଶ, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ, କଳାକୁ ପ୍ରୋତ୍ସାହନ ନିମନ୍ତେ ବିଭିନ୍ନ ଜିଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପୂର୍ବ ବିଜେଡି ସରକାର ଗଠନ କରିଥିଲା। ସରକାର ପରିବର୍ତ୍ତନ ପରେ ବର୍ତ୍ତମାନର ଭାଜପା ସରକାର ଏହି ପରିଷଦକୁ ଭାଙ୍ଗି ଦେଇଛି। ଏହାର ପ୍ରତିବାଦରେ ସମ୍ବଲପୁରର ବିଭିନ୍ନ ଆଦିବାସୀ, ଜନଜାତି ଓ ଦଳିତ ବର୍ଗର ସଙ୍ଗଠକମାନେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଜ୍ଞାପନ ପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଆଦିବାସୀ, ଜନଜାତି, ଦଳିତ ମାନଙ୍କର ବୌଦ୍ଧିକ ବିକାଶ ପାଇଁ ଏହି ସ୍ୱତନ୍ତ୍ର ଉନ୍ନୟନ ପରିଷଦକୁ ପୁନର୍ବାର ଗଠନ କରାଯାଉ ବୋଲି ସମ୍ବଲପୁର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଉପାଧ୍ୟକ୍ଷା ରାଖୀ ମୁଣ୍ଡାଙ୍କ ନେତୃତ୍ୱରେ ଦାବି କରାଯାଇଛି । ମୁଖ୍ୟମନ୍ତ୍ରୀ ମାଝୀ ନୂଆଁଖାଇ ଦିନ ସମ୍ବଲପୁର ଗସ୍ତ ସମୟରେ ଏ ସମ୍ପର୍କରେ ଘୋଷଣା କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଦଳିତ ନେତା ଇଂ. ଦୀନେଶ ସେଠ, ଏତୁଆ ଖଡ଼ିଆ, ଅନିତା ଓରାମ, ବିନୋଦ ଟପ୍ପୋ, ଦେଓନିଷ ଲୁଗୁନ, ଭରତ ସୁନା, ସୁଦେଶ ପାଲ, କାହ୍ନୁ ସେନାପତି, ଦିଲୀପ ଦାଶ, ସୁଶାନ୍ତ ପାଣିଗ୍ରାହୀ, ଲିଙ୍ଗରାଜ ତ୍ରିପାଠୀ, ମିତାଲି ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଜ୍ଞାପନ ପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଜୁ ଜନତା ଦଳ ସମ୍ବଲପୁର ଜିଲା ସାଧାରଣ ସମ୍ପାଦକ ଦିଲୀପ ଦାଶ, ସୁଶାନ୍ତ ପାଣିଗ୍ରାହୀ,ସମ୍ବଲପୁର ମହାନଗର ସ୍ୱୟଂ ସହାୟିକା ଗୋଷ୍ଠୀ ସମନ୍ୱୟ ସମିତି ସାଧାରଣ ସମ୍ପାଦିକା ମିତାଲି ସାହୁ ସଂଯୋଜନା କରିଥିଲେ ।

**ସଂକ୍ଷେପରେ**

## କପଡ଼ା ଦୋକାନରୁ ଚୋରି ଅଭିଯୋଗ

ଦେଓଗାଁ,୬।୯(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ତଥା ତୁଷୁରା ଥାନା ଅନ୍ତର୍ଗତ ଅର୍ଜୁନପୁର ହାଟପଡାଠାର ଏକ କପଡା ଦୋକାନରୁ ଲକ୍ଷାଧିକ ଟଙ୍କାର କପଡା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଅଭିଯୋଗ ପରେ ସାଇଣ୍ଟିଫିକ ଟିମ୍ ସହ ପୋଲିସ ତଦନ୍ତ ଆରମ୍ଭ କରିଥିବା ନେଇ ଥାନାଧିକାରୀ ଶଶିଭୂଷଣ ମିଶ୍ର ସୂଚନା ଦେଇଛନ୍ତି। ସୂଚନାନୁସାରେ ଅର୍ଜୁନପୁର ପଞ୍ଚାୟତ ମୁଖ୍ୟାଳୟ ହାଟପଦା ନିକଟରେ ଥିବା ଭାଗବତ ପ୍ରସାଦ ସାହୁଙ୍କ ବିକେଏସ କପଡା ଦୋକାନରୁ ଗତ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ସିନ୍ଧି କରି (କାନ୍ଥକୁ ଫୋଡି) ଦୋକାନ ଭିତରୁ ଲକ୍ଷାଧିକ ଟଙ୍କାର କପଡା ଚୋରି କରିନେଇଥିଲେ। ସକାଳୁ ଭାଗବତ ଆସିଦେଖିବା ବେଳକୁ କାନ୍ଥକୁ କଣାକରି ଦାମୀ କପଡା ଚୋରି ହୋଇଛି। ସେ ପୋଲିସର ଦ୍ୱାରସ୍ଥ ହୋଇ ଚୋରଙ୍କୁ ଧରିବା ପାଇଁ ନିବେଦନ କରିଥିଲେ। ଗଣପର୍ବ ନୂଆଁଖାଇର ଦୁଇଦିନ ପୂର୍ବରୁ ଅଞ୍ଚଳରେ ଚୋରି ଘଟଣା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଏ ଦିଗରେ ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## କେନ୍ଦ୍ରୀୟ ବିଦ୍ୟାଳୟରେ ଗୁରୁଦିବସ, ଇ-ଲାଇବ୍ରେରି ଉଦ୍‌ଘାଟନ



ବଲାଙ୍ଗୀର,୬।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଶାସ୍ତ୍ରୀନଗର ସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ୨ରେ ଗୁରୁବାର ଗୁରୁଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ଏମ୍‌ପି ନିରଞ୍ଜନ ବିଶି ଯୋଗଦେଇ ଭାରତୀୟ ମହାନ ଗୁରୁ-ଶିଷ୍ୟ ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ଦେଶର ବିଚକ୍ଷଣ ଛାତ୍ରୀଛାତ୍ର ଭାରତକୁ ବିଶ୍ୱଶକ୍ତି ଓ ବିଶ୍ୱଗୁରୁ ଭାବେ ପରିଣତ କରିବାକୁ ଅଗ୍ରସର ହେଉଛନ୍ତି। ଏଦିଗରେ ଉଭୟ ଶିକ୍ଷକ ଛାତ୍ରଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଏହି ଅବସରରେ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଏକ ଇ-ଲାଇବ୍ରେରି ଉଦ୍‌ଘାଟନ କରିଥିଲେ। ଏହି ଲାଇବ୍ରେରି ଛାତ୍ରୀଛାତ୍ରଙ୍କ ପାଇଁ ବେଶ୍ ଉପଯୋଗୀ ହେବ ଏବଂ ଗୁଣାତ୍ମକ ଶିକ୍ଷା ବିକାଶରେ ସହାୟକ ହେବ ବୋଲି ଏମ୍‌ପି ବିଶି କହିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଗଣେଶ ପ୍ରଧାନ, ପ୍ରଧାନ ଶିକ୍ଷକ ସମରେନ୍ଦ୍ର କୁମାର ପାଣ୍ଡେ, ଶିକ୍ଷକ ରଶ୍ମିତା ମିଶ୍ର, ସତ୍ୟପ୍ରସାଦ ସାହୁ, ନୀଳକଣ୍ଠ ମିଶ୍ର, ଆଶୁତୋଷ ମେହେର, ଦିଲେଶ୍ୱର ପାତ୍ର, ପ୍ରହ୍ଲାଦ ମଲ୍ଲିକ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ବଡମାଳ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ, ଶିକ୍ଷକ ଅଭିଭାବକ ସଂଘ ସଦସ୍ୟ ଚନ୍ଦ୍ରଭାନୁ ମୌଲାନା, ଲଳିତ ରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଅରୂପ ପରାକାଷ୍ଠା ଓ ଅନିତା ସଂଯୋଜନା କରିଥିଲେ। ସ୍କୁଲ ଅଧକ୍ଷ ପ୍ରଧାନ ମୁଖ୍ୟ ଅତିଥି ରାଜ୍ୟସଭା ଏମପି ବିଶିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବିଷ୍ଣୁପ୍ରସାଦ କେଡିଆ, ଚିତ୍ତରଞ୍ଜନ ମିଶ୍ର, ବୀରେନ୍ଦ୍ର କୁମାର ଝାଙ୍କର ଉପସ୍ଥିତ ଥିଲେ। ଶିକ୍ଷକ ଗର୍ଜନ ଗାଗରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦର୍ଶ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳନ

ବଲାଙ୍ଗୀର,୬।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପଥରଚେପା ସ୍ଥିତ ଆଦର୍ଶ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଂସ୍କୃତ ଭାଷାରେ ଗୀତ ଗାୟନ, ନୃତ୍ୟ, ଶ୍ଲୋକୋଚ୍ଚାରଣ, ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧକ୍ଷ କ୍ଷମାନିଧି ଝାଙ୍କର, ସଂସ୍କୃତ ଶିକ୍ଷକ ଶେଷଦେବ ମିଶ୍ର ଉଦ୍‌ବୋଧନ ଦେଇଥିଲେ। ଓଡ଼ିଆ ଭାଷା ବିଭାଗ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ପ୍ରାଚୀନ ଭାରତୀୟ ବିଜ୍ଞାନ ପ୍ରଦର୍ଶନୀ ବସ୍ତୁ ପ୍ରଦର୍ଶନୀ ଦେଖିଥିଲେ।

# ସୁଭଦ୍ରା ଯୋଜନା ଆବେଦନ ସମ୍ପୂର୍ଣ୍ଣ ଦେୟମୁକ୍ତ

ବଲାଙ୍ଗୀର,୬।୯(ବୀରେନ୍ଦ୍ର କୁମାର ଝାଙ୍କର)




ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ସୁଭଦ୍ରା ଯୋଜନା ସମ୍ପର୍କିତ ସୂଚନା ଦେଉଛନ୍ତି।

**ସୁଭଦ୍ରା ଯୋଜନାର ସଫଳ ରୂପାୟନ ନିମନ୍ତେ ଖବରଦାତା ସମ୍ମିଳନୀ**

**■ଆବେଦନ ସମୟର କୌଣସି ଶେଷ ଅବଧି ନାହିଁ**

ଆସନ୍ତା ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବା କାର୍ଯ୍ୟକ୍ରମ ରହିଛି। ଏଥିନିମନ୍ତେ ସମଗ୍ର ବଲାଙ୍ଗୀର ଜିଲାରେ ପ୍ରଶାସନ ପକ୍ଷରୁ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲାରେ ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟକାରିତା ଓ ରୂପାୟନ ସମ୍ପର୍କିତ ବିଶଦ ସୂଚନା ସମସ୍ତ ଜନସାଧାରଣଙ୍କୁ ପ୍ରଦାନ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ଜିଲାପାଳ ଗୌରଓ ଶିଓାଜୀ ଇସଲଓାର ଜିଲାପାଳ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଡାକିଥିଲେ। ଏହି ସମ୍ମିଳନୀରେ ଅତିରିକ୍ତ ଜିଲାପାଳ (ସାଧାରଣ) ଡ. ବିଜୟାନନ୍ଦ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ ଉପସ୍ଥିତ ଥିଲେ। ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଥିବା ହିତାଧିକାରୀଙ୍କ ବୟସ ୨୧ ବର୍ଷ ବା ତଦୁର୍ଦ୍ଧ୍ୱ ଏବଂ ୬୦ ବର୍ଷରୁ କମ୍ ହେବା ବାଞ୍ଛନୀୟ। ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରତି ବର୍ଷରେ ୧୦ ହଜାର କରି ୫ ବର୍ଷରେ ପାଇବେ। ପ୍ରତିବର୍ଷ ୨ଟି କିସ୍ତିରେ ୫ ହଜାର ଟଙ୍କା ଲେଖାଏଁ ୧୦ ହଜାର ଟଙ୍କା ହିତାଧିକାରୀମାନଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରେରଣ କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ସେହିପରି ଯୋଗ୍ୟ ହିତାଧିକାରୀମାନେ ନିଜ ଆଧାର କାର୍ଡ, ମୋବାଇଲ ନମ୍ବର ଓ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବରର ସମସ୍ତ ଦରକାରୀ କାଗଜପତ୍ର ନେଇ ଚିହ୍ନଟ ହୋଇଥିବା ନିକଟସ୍ଥ ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ରଠାରେ ନିଜ ନାମ ସୁଭଦ୍ରା ପୋର୍ଟାଲରେ ପଞ୍ଜୀକରଣ କରିପାରିବେ ଓ ନିଷ୍କ୍ରିୟ ଥିବା ଆଧାରକାର୍ଡ ଗୁଡିକରେ ଆବଶ୍ୟକ ପରିବର୍ତ୍ତନ କରିବା ପାଇଁ ଆଧାରକେନ୍ଦ୍ର ଚିହ୍ନଟ କରାଯାଇଛି। ଏଥିନିମନ୍ତେ ହିତାଧିକାରୀମାନେ ନିଜେ ଉପସ୍ଥିତ ରହିବାକୁ ସୂଚାଇ ଦିଆଯାଉଛି। ହିତାଧିକାରୀଙ୍କ ଅନୁପସ୍ଥିତିରେ କୌଣସି ପ୍ରାମାଣୀକରଣ କରାଯିବ ନାହିଁ ଓ ସୁଭଦ୍ରା ଫର୍ମ ଦାଖଲ କରିବା ପାଇଁ ଆଧାର ମୋବାଇଲ୍ ନମ୍ବର ସହିତ ଲିଙ୍କ୍ ହୋଇ ନ ଥିଲେ ମଧ ମୁହଁ କିମ୍ବା ଟିପର ପ୍ରିଣ୍ଟ ସ୍କାନିଂ ମାଧ୍ୟମରେ ଆଧାର ପ୍ରାମାଣୀକରଣ କରାଯାଇପାରିବ ବୋଲି ସୂଚନା ଦେଇଥିଲେ। ସୁଭଦ୍ରା ଫର୍ମ ଦାଖଲ ପାଇଁ ମୋବାଇଲ୍ ନମ୍ବରଗୁଡ଼ିକୁ ଆଧାର ସହିତ ଲିଙ୍କ୍ କରିବାକୁ ବ୍ୟସ୍ତ ହୋଇ ଗହଳି ନ କରି ବିନା ଫୋନ ନମ୍ବର ଲିଙ୍କରେ ମଧ ଆବେଦନପତ୍ର ପୂରଣ କରି ଦାଖଲ କରିବାକୁ ସୂଚନା ଦିଆଯାଇଥିଲା। ଶନିବାର ଜିଲାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ସୁଭଦ୍ରା ଯୋଜନାର ଜିଲା ବ୍ୟାପି ପ୍ରଚାର ପାଇଁ ସୁଭଦ୍ରା ରଥର ଉଦ୍‌ଘାଟନ କରିବେ। ସୁଭଦ୍ରା ଯୋଜନା ଅନ୍ତର୍ଗତ ଆବେଦନ କରିବା ପାଇଁ କୌଣସି ସମୟସୀମା ଧାର୍ଯ୍ୟ କରାଯାଇ ନାହିଁ ଓ ଏହା ଏକ ନିରନ୍ତର ପ୍ରକ୍ରିୟା ବୋଲି ସୂଚନା ଦେଇଥିଲେ। ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଦେୟମୁକ୍ତ ଓ ଆବେଦନ ସମୟର କୌଣସି ଅବଧି ନାହିଁ। କୌଣସି ଅସୁବିଧାର ସମ୍ମୁଖୀନ ହେଉଥିଲେ ସେମାନେ ଦେୟମୁକ୍ତ ୧୪୬୭୮ ନମ୍ବରରେ କଥା ହୋଇ ଅଭିଯୋଗର ସମାଧାନ କରିପାରିବେ ବୋଲି ସୂଚନା ଦେଇଥିଲେ।

## ଗଣେଶପୂଜା ଭସାଣିରେ ଡିଜେ ମନା

ବଲାଙ୍ଗୀର,୬।୯(ବୀରେନ୍ଦ୍ର କୁମାର ଝାଙ୍କର)

ଗଣେଶ ପୂଜାରେ ଡିଜେ ମନା। ପୋଲିସ ପ୍ରଶାସନ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ଶାନ୍ତି କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ପୂଜା ପ୍ରକ୍ରିୟା ଆରମ୍ଭରୁ ଶେଷ ଯାଏଁ କୌଣସି ପୂଜା ମଣ୍ଡପରେ ଡିଜେକୁ ବାରଣ କରାଯାଇଛି। ଲୋକଙ୍କ ସ୍ୱାର୍ଥଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଉଛି ବୋଲି କୁହାଯାଇଛି। ବଲାଙ୍ଗୀର ଜିଲାପାଳଙ୍କ ଏହି ନିର୍ଦ୍ଦେଶ ପୂଜା ପ୍ରକ୍ରିୟା ଶେଷ ହେବା ଯାଏଁ ବଳବତ୍ତର ରହିବ। ଭସାଣି, ସଙ୍ଗୀତ ନାଇଟ ସମସ୍ତ କାର୍ଯ୍ୟକ୍ରମରେ ଏହା ବନ୍ଦ ରହିବ। ଛୋଟ ଛୁଆ, ପଶୁପକ୍ଷୀ, ବୃଦ୍ଧାବୃଦ୍ଧ, ମହିଳାଙ୍କ ସ୍ୱାସ୍ଥ୍ୟ ପକ୍ଷେ ଡିଜେ ଶବ୍ଦ ଅହିତକର। ବିଭିନ୍ନ ପୂଜା କମିଟିର ସଦସ୍ୟ, ପୋଲିସ, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜିଲାରେ କିଭଳି ସୁରୁଖୁରୁରେ ଗଣେଶ ପୂଜା ଆୟୋଜିତ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସେପ୍ଟେମ୍ବର ୭ ହେବାକୁ ଥିବା ଗଣେଶ ପୂଜା ଲାଗି ବଲାଙ୍ଗୀର ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଆଇନ ଶୃଙ୍ଖଳା ଏବଂ ଟ୍ରାଫିକ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ଲୁ ପ୍ରିଣ୍ଟ ତିଆରି କରାଯାଇଛି। ସ୍ଥାନୀୟ ପ୍ରଶାସନ ଜାରି କରିଥିବା ସମସ୍ତ କଟକଣାକୁ ପୂଜା କମିଟିମାନଙ୍କୁ ମାନିବାକୁ ପଡିବ ବୋଲି କୁହାଯାଇଛି। ସରକାରୀ ନିୟମାବଳୀର କିଭଳି ପାଳନ ହୋଇପାରିବ ତାହାର ସମ୍ପୂର୍ଣ୍ଣ ଦାୟିତ୍ୱ ପୂଜା କମିଟିମାନେ ନେବେ ବୋଲି କୁହାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଡ଼ିଶା ଜୀବିକା ମିଶନ ଇସି ସଂଘର ଦାବିପତ୍ର



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଇସି ସଦସ୍ୟାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବଲାଙ୍ଗୀର,୬।୯(ବୀରେନ୍ଦ୍ର କୁମାର ଝାଙ୍କର)

ଓଡ଼ିଶା ଜୀବିକା ମିଶନ କାର୍ଯ୍ୟନିର୍ବାହୀ କମିଟି ସଂଘ ବଲାଙ୍ଗୀର ଜିଲା ଶାଖା ପକ୍ଷରୁ ଶୁକ୍ରବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ମିଶନ ଶକ୍ତି ଅଧିନସ୍ଥ ଜୀବିକା ମିଶନ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟାମାନଙ୍କୁ ପ୍ରତି ଦୁଇବର୍ଷରେ ରିଷ୍ଟକଚରିଂ ବ୍ୟବସ୍ଥା ପ୍ରତ୍ୟାହାର କରିବା, କାର୍ଯ୍ୟନିର୍ବାହୀ କମିଟି ସଦସ୍ୟାମାନଙ୍କୁ କୁଶଳୀ ଶ୍ରମିକର ସର୍ବନିମ୍ନ ମଜୁରୀ ପ୍ରଦାନ କରାଯିବା, କାର୍ଯ୍ୟନିର୍ବାହୀ କମିଟି ସଦସ୍ୟାମାନଙ୍କୁ ସାମାଜିକ ନିରାପତ୍ତା ପ୍ରଦାନ କରାଯିବା ଓ ସ୍କୁଟି କିସ୍ତି ଉପରେ ସରକାରଙ୍କ ବିଚାର ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ କମିଟି ସଦସ୍ୟାମାନେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦତ୍ତ କରିଥିଲେ। ଦାବିପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଚେତାବନୀ ଦେଇଥିଲେ।

# ଅଭିଯୋଗର ତଦନ୍ତକଲେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ

ଲୋଇସିଂହା,୬।୯(ସୁଶାନ୍ତ ବାରିକ)



ଗ୍ରାମବାସୀଙ୍କୁ ପଚରାଉଚରା କରୁଛନ୍ତି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ।

**କୁମୁଣ୍ଡେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥା ପ୍ରସଙ୍ଗ**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମୁଣ୍ଡେ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନରେ ଅନିୟମିତତା ସାଙ୍ଗକୁ ଆସୁଥିବା ସରକାରୀ ଅନୁଦାନ ବାଟମାରଣା ଅଭିଯୋଗ ନେଇ ଗ୍ରାମବାସୀ ୩ ତାରିଖରେ ତରଭା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିଲେ। ଶୁକ୍ରବାର ବ୍ଲକ ଗୋଷ୍ଠୀ ଶିକ୍ଷାଅଧିକାରୀ ନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଗୋଷ୍ଠୀଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା ବିଦ୍ୟାଳୟକୁ ତଦନ୍ତ ପାଇଁ ଯାଇଥିଲେ। ସାଙ୍ଗରେ ମେଣ୍ଡା ସିଆରସିସି ହରିଶ୍ଚନ୍ଦ୍ର ସା ଓ ଦଉଳପଦର ସିଆରସିସି ବ୍ୟାସଦେବ ମହାକୁର ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିରେଶ ପ୍ରସାଦ ନାଏକ ୩୦ ସେପ୍ଟେମ୍ବର ସୁଦ୍ଧା ଛୁଟିରେ ଥିବାରୁ ଏବଂ ଅଫିସ ଚାବି ସେ ନିଜେ ରଖିଥିବାରୁ ଅଭିଯୋଗ ସଂକ୍ରାନ୍ତ ରେକର୍ଡପତ୍ର ଯାଞ୍ଚ ହୋଇପାରି ନ ଥିଲା। ତଦନ୍ତକାରୀ ଅଧିକାରୀ ପଣ୍ଡା ବିଦ୍ୟାଳୟ ଛାତ୍ରୀଛାତ୍ର, ପାଚିକା, ପରିଚାଳନା କମିଟି ଏବଂ ଗ୍ରାମବାସୀଙ୍କୁ ଅଭିଯୋଗ ଉପରେ ପଚରାଉଚରା କରିଥିଲେ। ଛାତ୍ରୀଛାତ୍ରମାନେ ନିମ୍ନମାନର ମଧ୍ୟାହ୍ନଭୋଜନ ରୋଷେଇ ହେଉଥିବାରୁ ବିଦ୍ୟାଳୟରେ ନଖାଇ ଘରକୁ ଖାଇ ଯାଉଥିବା ତଦନ୍ତକାରୀ ଅଧିକାରୀ ପଣ୍ଡାଙ୍କୁ ପ୍ରକାଶ କରିଥିଲେ। ପାଠ୍ୟ ବିଷୟ ଶିକ୍ଷାଦାନ ସରିବା ପରେ ମାସିକ କିମ୍ବା ଏକକ ପରୀକ୍ଷା କରାଯାଉ ନ ଥିବା ଜଣାପଡିଥିଲା। ଛାତ୍ରୀଛାତ୍ରଙ୍କ ବ୍ୟବହାର ପାଇଁ ନୂତନ ଶୌଚାଳୟ ନିର୍ମାଣ ହୋଇଛି। ହେଲେ ଶୌଚାଳୟରେ ତାଲା ପଡିଥିବାରୁ ଛାତ୍ରୀଛାତ୍ର ବ୍ୟବହାର କରିବାରୁ ବଞ୍ଚିତ ହେଉଛନ୍ତି। ଶ୍ରେଣୀ ଶିକ୍ଷାଦାନ ସମୟରେ ପିରିୟଡ ବେଲ୍ ବାଜୁନାହିଁ। ସମୟ ନିର୍ଘଣ୍ଟ ଅନୁସାରେ ଶିକ୍ଷାଦାନ ହେଉ ନ ଥିବା ତଦନ୍ତକାରୀ ଅଧିକାରୀ ଜାଣିବାକୁ ପାଇଥିଲେ। ବିଦ୍ୟାଳୟରେ ଇନଭେଟର ବ୍ୟବସ୍ଥା ରହିଥିଲେ ସୁଦ୍ଧା ସ୍ମାଟବୋର୍ଡକୁ ସଂଯୋଗ ଦିଆଯାଇନାହିଁ। ଫଳରେ ଛାତ୍ରୀଛାତ୍ର ସ୍ମାର୍ଟ ବୋର୍ଡ ଶିକ୍ଷାଦାନରୁ ବଞ୍ଚିତ ରହୁଛନ୍ତି। ଏହାଛଡା କୋଭିଡ୍ ସମୟର ଏବଂ ଚଳିତବର୍ଷର ଆଗୁଆ ଗ୍ରୀଷ୍ମ ଅବକାସ ଛୁଟିର ସମୟର ମଧ୍ୟାହ୍ନଭୋଜନ ଚାଉଳ ଓ ରାଶନ ସାମଗ୍ରୀ ବାବଦ ଟଙ୍କା ଅଦ୍ୟାବଧି ଛାତ୍ରୀଛାତ୍ରଙ୍କୁ ବଣ୍ଟନ ହୋଇ ନ ଥିବା ତଦନ୍ତ ଅଧିକାରୀଙ୍କୁ ଜଣାଇଥିଲେ ଗ୍ରାମବାସୀ। ସନାତନ ରଥ ନାମକ ଜନୈକ ବ୍ୟକ୍ତି ପରିଚାଳନା କମିଟି ସଭାପତି ରହିଛନ୍ତି। ହେଲେ ସମ୍ପୃକ୍ତ ବ୍ୟକ୍ତି ଜଣକ ସେ ଜାଣି ନ ଥିବା ତଦନ୍ତ ବେଳେ ଅଧିକାରୀଙ୍କୁ ପ୍ରକାଶ କରିଥିଲେ। ସଭାପତିଙ୍କ ହସ୍ତାକ୍ଷର ଜାଲିଆତି କରି ସରକାରୀ ଅନୁଦାନ ଉଠାଣ ହେଉଥିବା ସନ୍ଦେହ କରିଛନ୍ତି ଗ୍ରାମବାସୀ। ପ୍ରକାଶ ଯେ, ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ବିଦ୍ୟାଳୟରେ ୧୧୪ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ପ୍ରଧାନ ଶିକ୍ଷକଙ୍କ ସମେତ ୭ ଜଣ ଶିକ୍ଷୟିତ୍ରୀଶିକ୍ଷକ ଅବସ୍ଥାପିତ ରହିଛନ୍ତି। ହେଲେ ବିଦ୍ୟାଳୟରେ ପର୍ଯ୍ୟାପ୍ତ ଶ୍ରେଣୀ ଗୃହ ଅଭାବ ରହିଛି। ମାତ୍ର ୩ଟି ଶ୍ରେଣୀଗୃହରେ ଶିକ୍ଷାଦାନ ଚାଲିଛି। ଆବଶ୍ୟକ ଶିକ୍ଷକ ଥାଇ ସୁଦ୍ଧା ପାଠପଢା ଭଲ ହେଉ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟର ଭିତ୍ତିଭୂମି ବିକାଶ, ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ଏବଂ ଉନ୍ନତମାନର ମଧ୍ୟାହ୍ନଭୋଜନ ଦାବି ହୋଇଛି। ତଦନ୍ତ କରି ଦୁର୍ନୀତି ପର୍ଦ୍ଦାଫାଶ କରି କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ଦୁର୍ନୀତିଗ୍ରସ୍ତ ପ୍ରଧାନ ଶିକ୍ଷକଙ୍କୁ ଅପସାରଣ ଦାବି କରିଛନ୍ତି ଗ୍ରାମବାସୀ। ପ୍ରଧାନ ଶିକ୍ଷକ ନାଏକ ଛୁଟିରେ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଠିକା କାମକୁ କେନ୍ଦ୍ରକରି ଭାଜପା କର୍ମୀଙ୍କୁ ଆକ୍ରମଣ ଘଟଣା: ଜଣେ ଗିରଫ

ଲୋଇସିଂହା,୬।୯(ସୁଶାନ୍ତ ବାରିକ)

ଗୁରୁବାର ଠିକା କାମକୁ କେନ୍ଦ୍ର କରି ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପରିସରରେ ୨ଜଣ ଭାଜପା କର୍ମୀ ସୁନୀଲ ଦାଶ ଓ ବିଜୟ କୁମାର ବିଶ୍ୱାଳଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାର ପୋଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଲୋଇସିଂହା ଥାନା ରାମସିଂହା ଗ୍ରାମର ସରୋଜ ମିଶ୍ର (୫୦)। ଶୁକ୍ରବାର ସରୋଜଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏବେ ବି ମୁଖ୍ୟ ଅଭିଯୁକ୍ତ ଏବଂ ସହଯୋଗୀ ଫେରାର୍ ଅଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସୁନୀଲ ଓ ବାଦିବାହାଲ ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀଙ୍କ ମଧ୍ୟରେ ବିବାଦ ରହିଥିଲା। ସରପଞ୍ଚ ତ୍ରିପାଠୀ, ତାଙ୍କ ସହଯୋଗୀ ଓ ସରୋଜ ଗୁରୁବାର ଦିନ ସୁନୀଲ ଏବଂ ବିଜୟଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଆକ୍ରମଣରେ ବିଜୟ ଲହୁଲୁହାଣ ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବିଜୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବଲାଙ୍ଗୀର ଓ ପରେ ବୁର୍ଲା ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଦୁଇଟି ମାମଲା ରୁଜୁ ହୋଇଛି। ସୁନୀଲଙ୍କ ଏତାଲା କ୍ରମେ (ନଂ. ୩୦୨।୨୪) ଏବଂ ବିଜୟଙ୍କ ଏତାଲା କ୍ରମେ ଅନ୍ୟ ଏକ ମାମଲା (ନଂ. ୩୦୩।୨୪) ରୁଜୁ ହୋଇଛି।

## ନୂଆଖାଇ ପାଇଁ ଦୋକାନ ବଜାର ଭିଡ଼



ଖପ୍ରାଖୋଲ ଅଞ୍ଚଳରେ ଜଣେ ବ୍ୟକ୍ତି ନୂଆଧାନ କିଣୁଛନ୍ତି।

ଖପ୍ରାଖୋଲ,୬।୯(ଅଭୟ ତ୍ରିପାଠୀ)

ପଶ୍ଚିମ ଓଡ଼ିଶାର କୃଷି ଭିତ୍ତିକ ଗଣପର୍ବ ନୂଆଖାଇକୁ ଗୋଟିଏ ଦିନ ବାକିଥିବାବେଳେ ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳର ଗାଁ ଠୁ ସହର ଉତ୍ସବ ମୁଖର ହୋଇଉଠିଛି। ଦୋକାନ ବଜାର ସବୁଠି ଭିଡ଼ ଦେଖିବାକୁ ମିଳିଛି। ମହିଳାମାନେ ଘର ଲିପା ପୋଛା କରୁଥିବାବେଳେ ଘରକରଣା ଜିନିଷ ସଫା କରୁଛନ୍ତି। ନୂଆ ଲୁଗା କିଣିବାକୁ କପଡ଼ା ଦୋକାନଗୁଡ଼ିକରେ ଭିଡ଼ ହେଉଥିବା ବେଳେ ସାପ୍ତାହିକ ବଜାରରେ ପନିପରିବା, ନୂଆ ଧାନ କିଣାବିକା ପାଇଁ ଭିଡ଼ ଦେଖିବାକୁ ମିଳିଛି। ସେହିପରି ଶନିବାର ସ୍ୱତନ୍ତ୍ର ନୂଆଖାଇ ବଜାର ମାନ ବସିବ ବୋଲି ସାପ୍ତାହିକ ବଜାରରେ ଘୋଷଣା ହୋଇଛି। ଚଳିତ ବର୍ଷ ଚାଷ ଠିକ ହୋଇଥିବା ବେଳେ ପାଗ ଅନୁକୂଳ ଥିବାରୁ ନୂଆଖାଇ ବେଶ ଜମିବ ବୋଲି ଜଣାଯାଇଛି। ଦୂର ଦୂରାନ୍ତର ବାହାରେ ରହୁଥିବା ପରିବାର ସଦସ୍ୟଙ୍କ ଘର ବାହୁଡ଼ା ହେଉଥିବାରୁ ଗାଡ଼ିମୋଟରରେ ବି ଭିଡ଼ ହେଉଛି।

## ଆଧାରକାର୍ଡ଼ ଅପ୍‌ଡେଟ୍ ନାମରେ ମହିଳାଙ୍କୁ ଶୋଷଣ

ଲାଠୋର, ୬।୯(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର ଅଞ୍ଚଳର ବିଭିନ୍ନ ସ୍ଥାନରେ ଆଧାରକାର୍ଡ଼ ଅପଡ଼େଟ ନାମରେ ମହିଳାମାନଙ୍କୁ ଶୋଷଣ କରାଯାଉଛି। ସୁଭଦ୍ରା ଯୋଜନାରେ ପଞ୍ଜିକୃତ ହେବା ପାଇଁ ମହିଳାମାନେ ଯେପରି ଶୋଷଣର ଶିକାର ନ ହେବେ ସେଥିପ୍ରତି ସରକାର ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ ମଧ ଲାଠୋର ଅଞ୍ଚଳରେ ତାର ବ୍ୟତିକ୍ରମ ଦେଖାଦେଉଛି। ଲାଠୋର ଗ୍ରାମର ହସ୍ପିଟାଲ ଛକ ଏବଂ କଲେଜ ଛକରେ ଦୁଇ ଗୋଟି ଆଧାର ଅପଡ଼େଟ କେନ୍ଦ୍ର ରହିଛି। ସୁଭଦ୍ରା ଯୋଜନାରେ ମହିଳାମାନେ ନାମ ପଞ୍ଜିକରଣ କରିବା ପାଇଁ ପ୍ରଥମେ ନିଜ ଆଧାର କାର୍ଡ଼ରେ ରହିଥିବା ତ୍ରୁଟି ସଂଶୋଧନ ତଥା ଲିଙ୍କେଜ କରିବା ପାଇଁ କିଛି ଦିନ ହେଲା ଆଧାର ଅପଡ଼େଟ କେନ୍ଦ୍ରମାନଙ୍କରେ ଭିଡ଼ ଜମେଇଛନ୍ତି। ଏହାର ସୁଯୋଗ ନେଇ ଆଧାର ଅପଡ଼େଟ କେନ୍ଦ୍ରର ମାଲିକମାନେ ଆଧାର କାର୍ଡ଼ ଅପଡ଼େଟ କିମ୍ବା ଲିଙ୍କେଜ ପାଇଁ ମହିଳାମାନଙ୍କ ଠାରୁ ୩ ଶହ ଟଙ୍କା ନେଇ ଶୋଷଣ କରୁଛନ୍ତି। କାଳେ ମହିଳାମାନେ ସୁଭଦ୍ରା ଯୋଜନାରୁ ବାଦ ପଡ଼ି ଯିବେ ସେ ଭୟରେ ସେମାନେ ନିଜ ହାତରେ ଟଙ୍କା ନ ଥିଲେ ମଧ ଲୋକଙ୍କ ଠାରୁ ଧାର କରଜ କରି ଆଧାର ଅପଡ଼େଟ କେନ୍ଦ୍ରମାନଙ୍କୁ ଟଙ୍କା ଦେଇ କାମ କରେଇ ନେଉଛନ୍ତି। ଘଟଣା ଚାରିଆଡ଼େ ପ୍ରଚାରିତ ହେବା ପରେ ଶୁକ୍ରବାର ଲାଠୋର ପୋଲିସ ଉକ୍ତ ଦୁଇ ଗୋଟି ଆଧାର ଅପଡ଼େଟ କେନ୍ଦ୍ରକୁ ଯାଇ ତାଗିଦ କରିଥିବା ଦେଖାଯାଇଥିଲା। ଆଗକୁ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଖାଇ ରହିଥିବାବେଳେ ଅଞ୍ଚଳର ଶ୍ରମିକ ପରିବାର ପାଖରେ ନୂଆଖାଇ ପାଇଁ ଟଙ୍କା ନ ଥିବା ବେଳେ ସୁଭଦ୍ରା ଯୋଜନାରେ ନାମ ପଞ୍ଜିକରଣ କରିବା ପଇଁ ଆଧାର ଅପଡ଼େଟ କରିବାକୁ ଟଙ୍କା ଦେବା ବୋଝ ଉପରେ ନଳିତା ବିଡ଼ା ସଦୃଶ ହେଉଛି ବୋଲି କେତେକ ମହିଳା କହୁଛନ୍ତି। ଏନେଇ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ପଚାରିବାରେ ସେମାନେ ୨ ଶହ ଟଙ୍କା ପର୍ଯ୍ୟନ୍ତ ନେଉଥିବା ଆମ ପାଖରେ ଖବର ଅଛି। ଯଦି ତାଠୁ ଅଧିକ ଟଙ୍କା ନେଉଛନ୍ତି ତା'ହେଲେ ଆମେ ପ୍ରମାଣ ପାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି କହିଥିଲେ।

# ଜଙ୍ଗଲରେ ବେଆଇନ ମଦରନ୍ଧା

ଦେଓଗାଁ,୬।୯(କୃଷ୍ଣପ୍ରସାଦ ପାଣିଗ୍ରାହୀ)



ଦେଓଗାଁ ଥାନା ଅର୍ଡା ନିକଟ ଜଙ୍ଗଲରେ ମହୁଲପୋଚକୁ ପୋଲିସ୍ ନଷ୍ଟ କରୁଛି।

**୩ ଶହ ଲିଟରରୁ ଉର୍ଦ୍ଧ୍ୱ ମହୁଲପୋଚ ନଷ୍ଟ କଲା ଦେଓଗାଁ ପୋଲିସ**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଅର୍ଡା ନିକଟ ଜଙ୍ଗଲରେ ଅନେକ ଦିନରୁ ଚାଲିଥିଲା ବେଆଇନ ଭାବେ ଦେଶୀମଦ ରନ୍ଧା କାରବାର। ବିଶ୍ୱସ୍ତ ସୂତ୍ରରୁ ଏସ୍‌ପି ଖବରପାଇବା ପରେ ତାଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଏସଆଇ ମନୋଜ କୁମାର ମିଶ୍ରଙ୍କ ନେତୃତ୍ୱରେ ଦେଓଗାଁ ପୋଲିସ ଉକ୍ତ ଜଙ୍ଗଲରେ ଅତର୍କିତ ଭାବେ ଚଢ଼ାଉ କରିଥିଲା। ତେବେ ଉକ୍ତ ସ୍ଥାନରେ କେବଳ ୩ ଶହ ଲିଟରରୁ ଉର୍ଦ୍ଧ୍ୱ ହେବ ମହୁଲପୋଚ ଓ ଦେଶୀ ମଦ ରାନ୍ଧିବା ସାମଗ୍ରୀ ରହିଥିବା ନଜରକୁ ଆସିଥିଲା। ସମସ୍ତ ମହୁଲପୋଚକୁ ନଷ୍ଟ କରିବା ସହ ମଦରନ୍ଧା ଉପକରଣକୁ ଜବତ କରିଥିଲା ପୋଲିସ। ଏଥିରୁ ଏବେ ସ୍ପଷ୍ଟ ହୋଇଛି ଯେ, ଦେଓଗାଁ ଥାନା ଓ ତୁଷୁରା ଥାନା ଅନ୍ତର୍ଗତ ଜଙ୍ଗଲରେ ଅନେକ ସ୍ଥାନରେ ବେଆଇନ ଭାବେ ଅପମିଶ୍ରିତ ମଦ ରନ୍ଧାଯାଇ ଗ୍ରାମାଞ୍ଚଳରେ କୁଚିଆମାନଙ୍କ ଜରିଆରେ ବେପାର ଚାଲିଛି। ଏଦିଗରେ ଅବକାରୀ ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ଏହି କାରବାର ଦିନକୁ ଦିନ ବଢ଼ିବାରେ ଲାଗିଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଆଉ ମାତ୍ର ଦିନକ ପରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ରହିଥିବାବେଳେ ନୂଆଁଖାଇ ପର୍ବ ପରଦିନରୁ ଛାଡଖାଇ ଆରମ୍ଭ ହୋଇଥାଏ। ଏହି ଅବସରରେ ଗାଁମାନଙ୍କରେ ଅନେକ ଲୋକ ଭୋଜିଭାତର ଆସର ସହ ମଦର ଚାହିଦା ମଧ୍ୟ ରହିଥାଏ। ଏଣୁ ଅନେକ ଅସାଧୁ କୁଚିଆ ବ୍ୟବସାୟୀ କମ ଖର୍ଚ୍ଚରେ ଅଧିକ ଲାଭ ଆଶାରେ ଅପମିଶ୍ରିତ ମଦ ବିକ୍ରୟ କରିବା ପାଇଁ ରନ୍ଧାମଦ ଉପରେ ନିର୍ଭର କରୁଥିବା ବାରମ୍ବାର ଅଭିଯୋଗ ହେଉଛି। ଏ ଦିଗରେ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଚଢ଼ାଉରେ ବଳଦେବ ନାଏକ, ନିତ୍ୟାନନ୍ଦ ମିର୍ଦ୍ଧା ତଥା ଅନ୍ୟମାନେ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ସୁବର୍ଣ୍ଣପୁର ଜିଲାର ୨.୯୦ ଲକ୍ଷ ମହିଳାଙ୍କୁ ସାମିଲ ଲକ୍ଷ୍ୟ

**ସୋନପୁର, ୬।୯ (ମୃତ୍ୟୁଞ୍ଜୟ ଶତପଥୀ)**


ଜିଲାପାଳ ଅନ୍ୟା ଦାସ ଖବରଡାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ମହିଳାଙ୍କୁ ଆର୍ଥିକ ସଶକ୍ତିକରଣ ପାଇଁ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନା ଆରମ୍ଭ ହୋଇଛି। ସୁବର୍ଣ୍ଣପୁର ଜିଲାରେ ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଅନ୍ୟା ଦାସ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। ଯୋଜନାର ସଫଳ ରୂପାୟନ ପାଇଁ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିବା ସହ ପ୍ରଶାସନିକ ପ୍ରସ୍ତୁତି ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ଯୋଜନା ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ସମୟ ଅବଧି ନାହିଁ, ଯୋଜନାର ପ୍ରକ୍ରିୟା ସମ୍ପୂର୍ଣ୍ଣ ଦେୟମୁକ୍ତ ଏବଂ ସାମିଲ ହେବା ଏକ ନିରନ୍ତର ପ୍ରକ୍ରିୟା। ଏଣୁ ହିତାଧିକାରୀ ଫର୍ମ ଆବେଦନ ପାଇଁ କୌଣସି ପ୍ରକାର ଅଧର୍ଯ୍ୟ ନ ହେବାକୁ ସେ ଅନୁରୋଧ କରିଛନ୍ତି। ଯୋଜନାରେ ଅନ୍ତର୍ଭୁକ୍ତ ହେବା ନିମନ୍ତେ ରହିଥିବା ସରକାରଙ୍କ ବିଧି ବ୍ୟବସ୍ଥା, ହିତାଧିକାରୀଙ୍କ ପାଇଁ ଯୋଗ୍ୟତା, ଫର୍ମ ଆବେଦନ ଓ ଗ୍ରହଣ ପକ୍ରିୟା, ଯୋଜନା କାର୍ଯ୍ୟକାରିତାରେ ସ୍ୱଚ୍ଛତା ତଥା ସଠିକ ପରିଚାଳନା ନିମିତ୍ତ ପ୍ରଶାସନିକ ବ୍ୟବସ୍ଥା ସମ୍ପର୍କରେ ଜିଲାପାଳ ସୂଚନା ଦେଇଥିଲେ।

ଯୋଜନାରେ ଜିଲାର ୧ ଲକ୍ଷ ୫୨ ହଜାର ୧୭ ପରିବାରର ଅନୂନ୍ୟ ୨ଲକ୍ଷ ୯୦ ହଜାର ମହିଳାଙ୍କୁ ଅନ୍ତର୍ଭୁକ୍ତ କରିବା ଲକ୍ଷ୍ୟ ରଖାଯାଇଛି। ଯୋଜନାର ସୁବ୍ୟବସ୍ଥିତ ପରିଚାଳନା ପାଇଁ ଜିଲାର ୧୧୫୬ ଅଙ୍ଗନବାଡ଼ି କେନ୍ଦ୍ରରେ ସମସ୍ତ ହିତାଧିକାରୀଙ୍କ ନିକଟରେ ଆବେଦନ ଫର୍ମ ପହଞ୍ଚାଇବା ନିମନ୍ତେ ପଦକ୍ଷେପ ନିଆଯାଇଛି। ଜିଲାରେ ମୋଟ ୩୦୪ ଟି ଜନସେବା କେନ୍ଦ୍ର ଓ ୧୭୨ଟି ମୋ ସେବା କେନ୍ଦ୍ର (ଏମଏସକେ) କେନ୍ଦ୍ରରେ ଆବେଦନ ଫର୍ମ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଥିବା ସୂଚିତ କରିଥିଲେ । ଆଧାର ସମ୍ବନ୍ଧୀୟ ତଥ୍ୟ ସଂଶୋଧନ ନିମନ୍ତେ ଜିଲାର ସମସ୍ତ ବ୍ଲକରେ ସ୍ଥାୟୀ ଆଧାର କେନ୍ଦ୍ର ବ୍ୟତୀତ ଆହୁରି ୫ ଟି ଲେଖାଏ ଆଧାର ସମ୍ବନ୍ଧୀୟ ତଥ୍ୟ ସଂଶୋଧନ ନିମନ୍ତେ ଆଧାର କ୍ୟାମ୍ପ ଅନୁଷ୍ଠିତ କରାଯିବା ବୋଲି ଜିଲାପାଳ ସୂଚନା ଦେଇଥିଲେ। ଅଙ୍ଗନବାଡି କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ, ମୋ ସେବା କେନ୍ଦ୍ର, ସାଧାରଣ ସେବା କେନ୍ଦ୍ର ଇତ୍ୟାଦିରେ ମୁଦ୍ରିତ ଆବେଦନ ଫର୍ମ ମାଗଣାରେ ଉପଲବ୍ଧ ହେବ । ଆବେଦନକାରୀମାନେ ଫର୍ମ ପୂରଣ କରି ଏହାକୁ ନିକଟସ୍ଥ ମୋ ସେବା କେନ୍ଦ୍ର, ସାଧାରଣ ସେବା କେନ୍ଦ୍ରରେ ଦାଖଲ କରିବେ। ହିତାଧିକାରୀମାନେ ଏକକ ଧାରକ ସଂଚୟ ଖାତାକୁ ନିଶ୍ଚିତ କରିବାକୁ ପରାମର୍ଶ କରାଯାଇଥିବା ବେଳେ ହିତାଧିକାରୀ ସଞ୍ଚୟ ଖାତା ସମ୍ବନ୍ଧୀୟ କୌଣସି ଅସୁବିଧା ଥିଲେ ତୁରନ୍ତ ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ଜିଲାରେ ଅବସ୍ଥାପିତ ସମସ୍ତ ବ୍ୟାଙ୍କ ଓ ପୋଷ୍ଟ ଅଫିସ କର୍ତ୍ତୃପକ୍ଷଙ୍କୁ ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ସୁଭଦ୍ରା ଯୋଜନା ସମ୍ପର୍କିତ କୌଣସି ସୁବିଧା ଅସୁବିଧାର ତୁରନ୍ତ ସମାଧାନ ପାଇଁ ପ୍ରତି ବ୍ଲକସ୍ତରରେ ପରିଚାଳନା ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ସେହିପରି ଜିଲାସ୍ତରରେ ମଧ୍ୟ କଣ୍ଟ୍ରୋଲ ରୁମ ଖୋଲାଯାଇ ଜନସାଧାରଣଙ୍କ ସମସ୍ୟାର ତୁରନ୍ତ ସମାଧାନ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ତତ୍ତ୍ୱାବଧାନରେ କରାଯିବ। ଜିଲାର ପ୍ରତି ପଞ୍ଚାୟତସ୍ତରରେ ବିଶେଷ ସଚେତନତା ସୃଷ୍ଟି କରିବା, ଫର୍ମ ବଣ୍ଟନ ଓ ପୂରଣ ତଥା ଦାଖଲ କାର୍ଯ୍ୟର ତଦାରଖ ନିମନ୍ତେ ବିଡ଼ିଓ ଆଇସିଡିଏସ ସୁପରଭାଇଜର, ସିଆର୍ପି, ଏମ୍ପିକେଙ୍କୁ ନୋଡାଲ ଅଧିକାର ଭାବେ ଦାୟିତ୍ୱ ଦିଆଯାଇଥିବା ସୂଚନା ଦିଆଯାଇଛି । ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା ଏବଂ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଉପସ୍ଥିତ ଥିଲେ।

### ସୁଭଦ୍ରା ଯୋଜନାର ପ୍ରକ୍ରିୟା ସମ୍ପୂର୍ଣ୍ଣ ଦେୟମୁକ୍ତ: ଜିଲାପାଳ

# ବଣ୍ଟନ ହୋଇଛି ୪୧୬୦୪ ସୁଭଦ୍ରା ଫର୍ମ

**ଅମରପାଲି, ୬।୯ (ପୀତାମ୍ବର ସାହୁ)**


ବୀରମହାରାଜପୁରରେ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅଧିକାରୀ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ବ୍ଲକ ସଭାଗୃହରେ ବ୍ଲକ ପ୍ରଶାସନ ତରଫରୁ ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ଏକ ଖବରଦାତା ସମ୍ମିଳନୀ କରାଯାଇ ବିଭିନ୍ନ ସୂଚନା ପ୍ରଦାନ କରାଯାଇଛି। ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଡିଓ ସୁଶ୍ରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମଞ୍ଜୁଲତା ସ୍ୱାଇଁ ଏବଂ ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା ସୁଭଦ୍ରା ଯୋଜନା ଉପରେ ସୂଚନା ଦେଇଛନ୍ତି। ବୀରମହାରାଜପୁର ବ୍ଲକ ପାଇଁ ପ୍ରାୟ ୪୧ ହଜାର ୬୦୪ ଜଣ ହିତାଧିକାରୀଙ୍କ ପାଇଁ ଫର୍ମ ଦିଆଯାଇଛି। ବ୍ଲକର ୫୯ଟି ସିଏସସି ଓ ୨୬ଟି ମୋ ସେବା କେନ୍ଦ୍ରକୁ ମିଶାଇ ୮୫ଟି ସ୍ଥାନରେ ସୁଭଦ୍ରା ଯୋଜନାର ଅନ ଲାଇନ ହେବା ସହିତ ଫର୍ମ ଦାଖଲ କରାଯାଇ ପାରିବ। ଅନ ଲାଇନ ବେଳେ କିମ୍ବା ଫର୍ମ ଦାଖଲ ବେଳେ କୌଣସି ଦେୟ ନିଆଯିବ ନାହିଁ। ବର୍ତ୍ତମାନ ପର୍ଯ୍ୟନ୍ତ ୩୯୪ ଟି ଫର୍ମ ଅପଲୋର୍ଡ ହୋଇଥିବା ବିଡ଼ିଓ ମିର୍ଦ୍ଧା ସୂଚନା ଦେଇଛନ୍ତି। ଏହି ଫର୍ମ ଦାଖଲ ପାଇଁ ଶେଷ ତାରିଖ ଏଯାଏ ଘୋଷଣା ହୋଇ ନାହିଁ। ଆଧରକାର୍ଡରେ ମୋବାଇଲ ନମ୍ବର ଅପଡେଟର ଆବଶ୍ୟକ ମଧ୍ୟ ନାହିଁ ବୋଲି ସୂଚନା ଦେଇଛନ୍ତି। ସୁଭଦ୍ରା ଫର୍ମ ପୂରଣ ନାଁ ରେ କେତେକ ସ୍ଥାନରେ ଟଙ୍କା ଅସୁଲି ହେଉଥିବା ଅଭିଯୋଗ ହେଉଥିବା ପ୍ରଶ୍ନର ଉତ୍ତରରେ ଏପରି କୌଣସି ଅଭିଯୋଗ ଆସି ନ ଥିବା କହିଛନ୍ତି ସିଡିପିଓ ମଞ୍ଜୁଲତା ସ୍ୱାଇଁ। ସୁଭଦ୍ରା ଯୋଜନାକୁ ସଫଳ କରିବାକୁ ସବୁ ପ୍ରକାର ଉଦ୍ୟମ କରାଯାଉଛି, ଏଥିରେ ସମସ୍ତେ ସହଯୋଗ କରିବାକୁ ବିଡିଓ ଅନୁରୋଧ କରିଛନ୍ତି।

# ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ



ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ର।

**ଡୁଙ୍ଗୁରିପାଲି, ୬।୯ (ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଶ୍ରୀରାମ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମା' ନାମରେ ଗଛଟିଏ ଭାବଧାରାରେ ଚାରାରୋପଣ କରାଯାଇଥିଲା। ପରିବେଶ ସଚେତନତା, ଚାରାରୋପଣର ଆବଶ୍ୟକତା ବିଷୟରେ ପ୍ରତିଯୋଗୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଟିକେଚାନ୍ଦ ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ତରଣୀସେନ ବେହେରା ସଭାପତିତ୍ୱ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଗଣେଷ ମନ୍ଦିର ପ୍ରତିଷ୍ଠା କରିବା ପୂର୍ବକ ଶ୍ରୀଗଣେଶଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା। ଉକ୍ତ ପ୍ରତିଷ୍ଠା ଉତ୍ସବରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ପୂଜାରୀ କର୍ତ୍ତା ଭାବେ ଯୋଗଦାନ କରିଥିଲେ।

# ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ



ଜାତୀୟ ସେବା ଯୋଜନା ଶିବିର ଉଦ୍‌ଘାଟନୀରେ ଅତିଥି।

**ବାଉଁଶୁଣୀ, ୬।୯ (ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା କୋ-ୟୁନିଟର ବୃକ୍ଷ ରୋପଣ, ସାତ ଦିନିଆ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଏହି ଶିବିରରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ବୌଦ୍ଧ-ସୋନପୁର-ଅନୁଗୋଳ ଜିଲାର ଡିପିଓ ଡ. ମନୋରଞ୍ଜନ ଘଡ଼େଇ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ ସମ୍ମାନିତ ଅତିଥି, ଅଧ୍ୟାପକ ମକର ମହାରଣା ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବରିଷ୍ଠ ଇତିହାସ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମହାକୁଡ଼, ରାଜନୀତି ଅଧ୍ୟାପକ ପ୍ରଦୀପ କୁମାର ଭୁକ୍ତା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବୃକ୍ଷ ରୋପଣର ଆବଶ୍ୟକତା ଉପରେ କହିଥିଲେ। ଏହି ଶିବିରରେ ୫୨ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ସାତ ଦିନିଆ ଶିବିରରେ ବୃକ୍ଷ ରୋପଣ, ପ୍ରାଥମିକ ଚିକିତ୍ସା, ସ୍ୱଚ୍ଛତା, ସାକ୍ଷରତା, ନାରୀ ସଶକ୍ତିକରଣ ଆଦି ବିଷୟରେ ତାଲିମ ଦେବାର କାର୍ଯ୍ୟକ୍ରମ ଅଛି ବୋଲି ପ୍ରୋଗ୍ରାମ ଅଫିସର ଡ. ଉମାକାନ୍ତ ବିଶ୍ୱାଳ କହିଛନ୍ତି। ଶେଷରେ ସ୍ୱେଚ୍ଛାସେବୀ କୈଶଲ୍ୟା ହାତୀ ଧନ୍ୟବାଦ ଦେଇଥିଲେ।

# ସୁଭଦ୍ରା ଯୋଜନାର ସଫଳ ରୂପାୟନକୁ ଗୁରୁତ୍ୱ

**ତରଭା, ୬।୯ (ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ସଭାଗୃହରେ ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ଶୁକ୍ରବାର ବିଡିଓ ଅନିଲ କୁଲୁଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ତରଭା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ, ସିଡିପିଓ ସବିତା ଦୋରା, ଏବିଡିଓ ତଥା ନୋଡାଲ ଅଫିସର ନିରଞ୍ଜନ ନାଏକଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସୁଭଦ୍ରା ଯୋଜନାରେ ହିତାଧିକାରୀ ମହିଳାମାନେ ସହଜ ଓ ସରଳ ଭାବେ କିପରି ଆବେଦନ କରିପାରିବେ ସେ ବିଷୟରେ ସରକାରଙ୍କ ନିୟମାବଳୀ ଅଧିକାରୀମାନେ ଉପସ୍ଥାପନ କରିଥିଲେ। ତରଭା ବ୍ଲକ ଓ ସହରାଞ୍ଚଳରେ ୯୯ ଟି ସିଏସସି ଓ ଏମଏସକେ କେନ୍ଦ୍ର ଚିହ୍ନଟ ହୋଇଛି। ସମସ୍ତ ହିତାଧିକାରୀଙ୍କୁ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରଦ୍ଵାରେ ସୁଭଦ୍ରା ଯୋଜନା ଫର୍ମ ବଣ୍ଟନ କରାଯାଉଛି। ପଞ୍ଜିକରଣ ଅଭିଯାନ ଆରମ୍ଭ କରାଯାଇ ଶୁକ୍ରବାର ସୁଦ୍ଧା ୧୨୮ ଗୋଟି ପଞ୍ଜିକରଣ ସମାପ୍ତ ହୋଇଛି। ପଞ୍ଜିକରଣ ପାଇଁ କୌଣସି ଦେୟ ପ୍ରଦାନ କରାଯିବ ନାହିଁ। ଫର୍ମ ଆବେଦନ ପାଇଁ କୌଣସି ହିତାଧିକାରୀ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ଶନିବାରଠାରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯିବ। ଆବେଦନର କୌଣସି ସମୟ ସୀମା ନାହିଁ। ଏଣୁ ଜନସାଧାରଣ ମିଥ୍ୟା ଅପପ୍ରଚାରର ଶିକାର ନହୋଇ ହିତାଧିକାରୀମାନେ ଏହିଯୋଜନାର ଲାଭ ଉଠାଇବାକୁ ବିଡିଓ କୁଲୁ କହିଛନ୍ତି।

# ପରିଶ୍ରମ, ନିଷ୍ଠା ସଫଳତା ଆଣେ


ଅତିଥିଙ୍କ ସହିତ କୃତୀ ଛାତ୍ରୀଛାତ୍ର।

**ଅମରପାଲି, ୬।୯ (ପୀତାମ୍ବର ସାହୁ)**

### ବୀରମହାରାଜପୁର କଲେଜ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ

ଜୀବନରେ ଛାତ୍ରଜୀବନ ଗୁରୁତ୍ୱପୂର୍ଣ୍ଣ ସମୟ। ନିଜକୁ ତିଆରି କରିବାର ସମୟ ଏହା। ଏଥିପାଇଁ ଶୃଙ୍ଖଳା, ନିଷ୍ଠା ଓ ଲକ୍ଷ୍ୟ ଆବଶ୍ୟକ। ଏହା ଜ୍ଞାନଲାଭର ରାସ୍ତାକୁ ଖୋଜିବାକୁ ସାହାଯ୍ୟ କରେ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜରେ ଅନୁଷ୍ଠିତ ଯୁକ୍ତ ୩ର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ ଅତିଥିମାନେ ଏଭଳି ମତ ରଖିଛନ୍ତି। କଲେଜ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଲେଜ ପରିଚାଳନା ସମିତି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଖଣ୍ଡଗିରି ନିଜ ବକ୍ତବ୍ୟରେ କହିଥିଲେ କେବଳ ପରିଶ୍ରମ ସଫଳତା ଆଣେନାହିଁ। ପରିଶ୍ରମ ସହ ନିଷ୍ଠା ସଫଳତା ଆଣେ। ସମ୍ମାନିତ ଅତିଥି ଭାବେ ଇଂଲିଶ ବିଭାଗ ମୁଖ୍ୟ ପ୍ରଧାପିକା ଗୀତାଞ୍ଜଳି ପୂଝାରୀ, ଓଡ଼ିଆ ବିଭାଗ ମୁଖ୍ୟ ଅଧାପକ ସୂର୍ଯ୍ୟନାରାୟଣ ପଣ୍ଡା, ଶିକ୍ଷା ବିଭାଗ ମୁଖ୍ୟ ଅଧାପକ ବିଜୟ ପ୍ରଧାନ, ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧାପିକା ସୁପ୍ରଭା ନନ୍ଦ ଯୋଗଦେଇଥିଲେ। ଅତିଥିମାନେ ନୂତନବର୍ଷର ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିବା ସହ ମାର୍ଗଦର୍ଶନ ଦେଇଥିଲେ। ଏହି ଅବସରରେ ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଶିକ୍ଷା ବିଭାଗରେ ପ୍ରତିମା ମେହେର, ବିଶ୍ୱକଳ୍ପିତା ହୋତା, ପ୍ରତିଚି ସାହୁ, ଗିନକୁନ ଅମାତ, ପଦ୍ମିନୀ ମେହେର, ଦୀପାଞ୍ଜଳି ସାହୁ, ଜୟନ୍ତୀ ସାହୁ, ବିଷ୍ଣୁପ୍ରିୟା ଜଗଦଲା, ଲିପି ଦେହୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଓଡ଼ିଆରେ ଯୁଗେଶ୍ୱରୀ ମେହେର, ଭଗବତୀ ମେହେର, ଇତିହାସରେ ଦୀପକ ରଥ, ରାଜନୀତି ବିଜ୍ଞାନରେ ଝରଣାରାଣୀ ମିଶ୍ର, ସୁମନ୍ତ ବାଘ, ଅର୍ଜିତ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଜ୍ଞାନ ପ୍ରାଣୀ ବିଜ୍ଞାନ ବିଭାଗରେ ଶିଲପା ସାହୁ, ଗଣିତରେ ରାଘବ ଚରଣ ମିଶ୍ର ଓ ପଦାର୍ଥ ବିଜ୍ଞାନ ବିଭାଗରେ ପ୍ରୀତିମୟୀ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧାପିକା ହରପ୍ରିୟା ମହାପାତ୍ର ସଭା ସଂଯୋଜନା କରିଥିବାବେଳେ ଅଧାପିକା ଯାମିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କଲେଜର ଅଧାପିକା, ଅଧାପକ, ଅଣଶିକ୍ଷା କର୍ମଚାରୀ ଓ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ଅଭିଯୋଗର ତଦନ୍ତ କଲେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ

**ଲୋଇସିଂହା, ୬।୯ (ସୁଶାନ୍ତ ବାରିକ)**


ଗ୍ରାମବାସୀଙ୍କୁ ପଚରାଉଚରା କରୁଛନ୍ତି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ।

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମୁଣ୍ଡେ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନରେ ଅନିୟମିତତା ସାଙ୍ଗକୁ ଆସୁଥିବା ସରକାରୀ ଅନୁଦାନ ବାଟମାରଣା ଅଭିଯୋଗ ନେଇ ଗ୍ରାମବାସୀ ୩ ତାରିଖରେ ତରଭା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିଲେ। ଶୁକ୍ରବାର ବ୍ଲକ ଗୋଷ୍ଠୀ ଶିକ୍ଷାଅଧିକାରୀ ନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଗୋଷ୍ଠୀଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା ବିଦ୍ୟାଳୟକୁ ତଦନ୍ତ ପାଇଁ ଯାଇଥିଲେ। ସାଙ୍ଗରେ ମେଣ୍ଡା ସିଆରସିସି ହରିଶ୍ଚନ୍ଦ୍ର ସା ଓ ଦଉଳପଦର ସିଆରସିସି ବ୍ୟାସଦେବ ମହାକୁର ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିରେଶ ପ୍ରସାଦ ନାଏକ ୩୦ ସେପ୍ଟେମ୍ବର ସୁଦ୍ଧା ଛୁଟିରେ ଥିବାରୁ ଏବଂ ଅଫିସ ଚାବି ସେ ନିଜେ ରଖିଥିବାରୁ ଅଭିଯୋଗ ସଂକ୍ରାନ୍ତ ରେକର୍ଡପତ୍ର ଯାଞ୍ଚ ହୋଇପାରି ନ ଥିଲା। ତଦନ୍ତକାରୀ ଅଧିକାରୀ ପଣ୍ଡା ବିଦ୍ୟାଳୟ ଛାତ୍ରୀଛାତ୍ର, ପାଚିକା, ପରିଚାଳନା କମିଟି ଏବଂ ଗ୍ରାମବାସୀଙ୍କୁ ଅଭିଯୋଗ ଉପରେ ପଚରାଉଚରା କରିଥିଲେ। ଛାତ୍ରୀଛାତ୍ରମାନେ ନିମ୍ନମାନର ମଧ୍ୟାହ୍ନଭୋଜନ ରୋଷେଇ ହେଉଥିବାରୁ ବିଦ୍ୟାଳୟରେ ନଖାଇ ଘରକୁ ଖାଇ ଯାଉଥିବା ତଦନ୍ତକାରୀ ଅଧିକାରୀ ପଣ୍ଡାଙ୍କୁ ପ୍ରକାଶ କରିଥିଲେ। ପାଠ୍ୟ ବିଷୟ ଶିକ୍ଷାଦାନ ସରିବା ପରେ ମାସିକ କିମ୍ବା ଏକକ ପରୀକ୍ଷା କରାଯାଉ ନ ଥିବା ଜଣାପଡିଥିଲା। ଛାତ୍ରୀଛାତ୍ରଙ୍କ ବ୍ୟବହାର ପାଇଁ ନୂତନ ଶୌଚାଳୟ ନିର୍ମାଣ ହୋଇଛି। ହେଲେ ଶୌଚାଳୟରେ ତାଲା ପଡିଥିବାରୁ ଛାତ୍ରୀଛାତ୍ର ବ୍ୟବହାର କରିବାରୁ ବଞ୍ଚିତ ହେଉଛନ୍ତି। ଶ୍ରେଣୀ ଶିକ୍ଷାଦାନ ସମୟରେ ପିରିୟଡ ବେଲ୍ ବାଜୁନାହିଁ। ସମୟ ନିର୍ଘଣ୍ଟ ଅନୁସାରେ ଶିକ୍ଷାଦାନ ହେଉ ନ ଥିବା ତଦନ୍ତକାରୀ ଅଧିକାରୀ ଜାଣିବାକୁ ପାଇଥିଲେ। ବିଦ୍ୟାଳୟରେ ଇନଭେଟର ବ୍ୟବସ୍ଥା ରହିଥିଲେ ସୁଦ୍ଧା ସ୍ମାଟବୋର୍ଡକୁ ସଂଯୋଗ ଦିଆଯାଇନାହିଁ । ଫଳରେ ଛାତ୍ରୀଛାତ୍ର ସ୍ମାର୍ଟ ବୋର୍ଡ ଶିକ୍ଷାଦାନରୁ ବଞ୍ଚିତ ରହୁଛନ୍ତି। ଏହାଛଡା କୋଭିଡ୍ ସମୟର ଏବଂ ଚଳିତବର୍ଷର ଆଗୁଆ ଗ୍ରୀଷ୍ମ ଅବକାସ ଛୁଟିର ସମୟର ମଧ୍ୟାହ୍ନଭୋଜନ ଚାଉଳ ଓ ରାଶନ ସାମଗ୍ରୀ ବାବଦ ଟଙ୍କା ଅଦ୍ୟାବଧି ଛାତ୍ରୀଛତ୍ରଙ୍କୁ ବଣ୍ଟନ ହୋଇ ନ ଥିବା ତଦନ୍ତ ଅଧିକାରୀଙ୍କୁ ଜଣାଇଥିଲେ ଗ୍ରାମବାସୀ। ସନାତନ ରଥ ନାମକ ଜନୈକ ବ୍ୟକ୍ତି ପରିଚାଳନା କମିଟି ସଭାପତି ରହିଛନ୍ତି। ହେଲେ ସମ୍ପୃକ୍ତ ବ୍ୟକ୍ତି ଜଣକ ସେ ଜାଣି ନ ଥିବା ତଦନ୍ତ ବେଳେ ଅଧିକାରୀଙ୍କୁ ପ୍ରକାଶ କରିଥିଲେ। ସଭାପତିଙ୍କ ହସ୍ତାକ୍ଷର ଜାଲିଆତି କରି ସରକାରୀ ଅନୁଦାନ ଉଠାଣ ହେଉଥିବା ସନ୍ଦେହ କରିଛନ୍ତି ଗ୍ରାମବାସୀ। ପ୍ରକାଶ ଯେ, ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ବିଦ୍ୟାଳୟରେ ୧୧୪ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ପ୍ରଧାନ ଶିକ୍ଷକଙ୍କ ସମେତ ୭ ଜଣ ଶିକ୍ଷୟିତ୍ରୀଶିକ୍ଷକ ଅବସ୍ଥାପିତ ରହିଛନ୍ତି। ହେଲେ ବିଦ୍ୟାଳୟରେ ପର୍ଯ୍ୟାପ୍ତ ଶ୍ରେଣୀ ଗୃହ ଅଭାବ ରହିଛି। ମାତ୍ର ୩ଟି ଶ୍ରେଣୀଗୃହରେ ଶିକ୍ଷାଦାନ ଚାଲିଛି। ଆବଶ୍ୟକ ଶିକ୍ଷକ ଥାଇ ସୁଦ୍ଧା ପାଠପଢା ଭଲ ହେଉ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟର ଭିତ୍ତିଭୂମି ବିକାଶ, ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ଏବଂ ଉନ୍ନତମାନର ମଧ୍ୟାହ୍ନଭୋଜନ ଦାବି ହୋଇଛି। ତଦନ୍ତ କରି ଦୁର୍ନୀତି ପର୍ଦ୍ଦାଫାଶ କରି କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ଦୁର୍ନୀତିଗ୍ରସ୍ତ ପ୍ରଧାନ ଶିକ୍ଷକଙ୍କୁ ଅପସାରଣ ଦାବି କରିଛନ୍ତି ଗ୍ରାମବାସୀ। ପ୍ରଧାନ ଶିକ୍ଷକ ନାଏକ ଛୁଟିରେ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### କୁମୁଣ୍ଡେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥା ପ୍ରସଙ୍ଗ

# ଆଇନ ମନ୍ତ୍ରୀଙ୍କୁ ୪୮ ହିନ୍ଦୀ,ସଂସ୍କୃତ ଶିକ୍ଷକ ସଂଘର ଫେରାଦ

**ବରଗଡ଼, ୬।୯ (ପ୍ରେମାନନ୍ଦ ଖମାରୀ)**


ସଂଘର କର୍ମକର୍ତ୍ତା ଆଇନ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

୪୮ ହିନ୍ଦୀ/ସଂସ୍କୃତ ଶିକ୍ଷକ ସଂଘର ଏକ ପ୍ରତିନିଧି ଦଳ ରାଜ୍ୟ ସରକାରଙ୍କ ଆଇନ ମନ୍ତ୍ରୀଙ୍କୁ ଫେରାଦ ହୋଇଛନ୍ତି। ସଂଘର ନେତା ଅକ୍ଷୟ କୁମାର ନାୟକଙ୍କ ନେତୃତ୍ୱରେ ବରଗଡ଼ ଜିଲାର ପ୍ରତିନିଧି ସୁଦାମା ବାରିକ, ରମେଶ ଚନ୍ଦ୍ର ପ୍ରଧାନ, ତପନ କୁମାର ନନ୍ଦ, ଯତୀନ୍ଦ୍ର ସାହୁ ପ୍ରମୁଖ ମନ୍ତ୍ରୀଙ୍କୁ ଓଡ଼ିଶା ବିଧାନସଭା ସ୍ଥିତ ତାଙ୍କ ପ୍ରକୋଷ୍ଠରେ ଭେଟି ରାଜ୍ୟରେ ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲରେ ଅପ୍ରଶିକ୍ଷିତ ହିନ୍ଦୀ/ସଂସ୍କୃତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ସମସ୍ୟା ଉପରେ ଅବଗତ କରାଇଥିଲେ। ଏ ନେଇ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ପ୍ରକାଶଥାଉକି, ଶିକ୍ଷା ଆଇନ ୧୯୭୪ ଧାରା ୧୬(ଖ) ଅନୁସାରେ ହାଇସ୍କୁଲରେ କାର୍ଯ୍ୟରତ ଅପ୍ରଶିକ୍ଷିତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ୪୮ବର୍ଷ ପ୍ରବେଶ ହେବା କ୍ଷଣି ଟ୍ରେଣ୍ଡ ଗ୍ରାଜୁଏଟ ସ୍କେଲ ହାରରେ ଦରମା ମିଳିବା କଥା। କିନ୍ତୁ ଉଚ୍ଚ ନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟର ଆଦେଶନାମା ମିଳିଲା ପରେ ସରକାର ପାଖାପାଖି ୨୦୦ ହିନ୍ଦୀ/ସଂସ୍କୃତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଙ୍କର ହକ୍ ପ୍ରଦାନ କରିଥିଲେ। ବାକି ସମସ୍ତ ମାମଲାଗୁଡ଼ିକୁ ସରକାର ଖାରଜ କରି ଦେଇଥିଲେ। ପରବର୍ତ୍ତୀ ସମୟରେ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟର ସିଙ୍ଗଲ ବେଞ୍ଚରେ ଚ୍ୟାଲେଞ୍ଜ କରାଯାଇଥିଲା। ସିଙ୍ଗଲ ବେଞ୍ଚ ଓ ଡବଲ ବେଞ୍ଚରେ ସରକାର ହାରିଲା ପରେ ଶିକ୍ଷକମାନଙ୍କ ନ୍ୟାଯ୍ୟ ଅଧିକାର ସେମାନଙ୍କୁ ପ୍ରଦାନ କରିବା ପରିବର୍ତ୍ତେ ଏବେ ପୁଣି ସେହି ସମାନ ମାମଲାଟିକୁ ସରକାର ସର୍ବୋଚ୍ଚ ନ୍ୟାୟାଳୟରେ ଠିକ୍ ଭାବେ ଦାଏର ନ କରି (ଡିଫେକ୍ଟ ଲିଷ୍ଟରେ ପକାଇ) ଦିନ ପରେ ଦିନ ଗଡ଼ାଇ ଚାଲିଥିବା ଅଭିଯୋଗ ହୋଇଛି। ଏପଟେ ଶିକ୍ଷକମାନେ ବୟସର ଅପରାହ୍ନରେ ପଦାର୍ପଣ କରି ସେବା ନିବୃତ୍ତ ହେଉଛନ୍ତି ଓ ମୃତ୍ୟୁମୁଖରେ ପଡୁଛନ୍ତି ବୋଲି ସଂଘ ଅଭିଯୋଗ କରିଛି। ଫଳରେ ଏହାର ସମାଧାନ ପାଇଁ ସରକାର ବିହିତ ପଦକ୍ଷେପ ନେବାକୁ ମନ୍ତ୍ରୀଙ୍କୁ ନିବେଦନ କରାଯାଇଛି।

## ସଂକ୍ଷେପରେ

### ଇଫ୍‌କୋ କମ୍ପାନୀ ପକ୍ଷରୁ ଦୁର୍ଘଟଣା ଜନିତ ସହାୟତା

ବଡ଼ଗାଁ,୬।୯(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ସମବାୟ ସମିତି କାର୍ଯ୍ୟାଳୟରେ ଶୁକ୍ରବାର ଇଫକୋ କମ୍ପାନୀ ପକ୍ଷରୁ ଦୁର୍ଘଟଣା ଜନିତ ସହାୟତା ରାଶି ଜଣେ ମୃତକଙ୍କ ପରିବାରକୁ ଦିଆଯାଇଛି। ଗତବର୍ଷ ଡିସେମ୍ବରରେ ବଡ଼ଗାଁ ଗୌନ୍ତିଆ ପ୍ରକାଶ ପାଣିଗ୍ରାହୀଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସେ ବଡ଼ଗାଁ ସମବାୟ ସମିତିରେ ଋଣ କାରବାର କରିଥିଲେ। ଋଣ ସମୟରେ ଇଫକୋ ଟୋକିଓ କମ୍ପାନୀ ଦ୍ୱାରା ବୀମା କରାଯାଇଥିଲା। ସେ ଅନୁଯାୟୀ ଶୁକ୍ରବାର ତାଙ୍କ ପରିବାରଙ୍କୁ ସମବାୟ ସମିତି ସଭାପତି ଭୁଲକୁ ଠେମରିଆ ୪ ଲକ୍ଷ ଟଙ୍କାର ଚେକ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ତପନ ପ୍ରଧାନ, ସମବାୟ ସମିତି ନିର୍ଦ୍ଦେଶକ ଅଭିମନ୍ୟୁ ତ୍ରିପାଠୀ, ସମବାୟ ସମିତି ସଭ୍ୟ ଚିନ୍ତାମଣି ସାହୁଙ୍କ ଉପସ୍ଥିତିରେ ଦିଆଯାଇଛି।

### ଫାଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ରାଉରକେଲା,୬।୯(ସଙ୍ଗୀତା ଜେନା): ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଗୁରୁଦ୍ୱାରା ରୋଡ୍‌ରେ ଜଣେ ଯୁବକ ଶୁକ୍ରବାର ଫ୍ୟାନ୍‌ରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ମୃତକ ହେଲେ ବାପି ରଜକ( ୨୬)। ସେ ନିଜ କକାଙ୍କ ଘରେ ରହି ଷ୍ଟେଶନ ବାହାରେ ଥିବା ଏକ ହୋଟେଲରେ କାମ କରୁଥିଲେ। ବାପି ବିବାହିତ ଓ ଏକ ପୁତ୍ର ସନ୍ତାନର ଜନକ ଥିଲେ। ତାଙ୍କ ପରିବାର ବାହାରକୁ ଯାଇଥିବା ବେଳେ ଶୁକ୍ରବାର ରାଉରକେଲା ଫେରିବାର ଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଘଟଣାର ତଦନ୍ତ କରୁଛି।

### ବିଧାନସଭାରେ କଳାହାଣ୍ଡିର ସ୍ୱାସ୍ଥ୍ୟ ସମସ୍ୟା ଉଠାଇଲେ ଧର୍ମଗଡ଼ ବିଧାୟକ

ବେହେରା,୬।୯(ଭୂପେଶ ତିୱାରୀ): ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ ବିଧାନସଭାରେ କଳାହାଣ୍ଡିର ସ୍ୱାସ୍ଥ୍ୟ ସମସ୍ୟା ଉଠାଇଛନ୍ତି। କଳାହାଣ୍ଡି ମେଡିକାଲ କଲେଜରେ ଡାକ୍ତର, ପାରା ମେଡିକାଲ ୱର୍କର୍ସ, ନର୍ସ ଅଫିସରଙ୍କ ଅଭାବ ରହିଛି। ଜିଲା ଚିକିତ୍ସାଳୟରେ ୪ ତାଲା ବିଲ୍ଡିଂ ଥିବାବେଳେ ଲିଫ୍ଟ ବ୍ୟବସ୍ଥା ନ ଥିବାରୁ ଉପର ଫ୍ଲୋର ବ୍ୟବହାର ହୋଇପାରୁ ନାହିଁ। ଜିଲାରେ ୬୦୦ ଡାକ୍ତର ପଦବୀ ଥିବାବେଳେ ମାତ୍ର ୨୫ରୁ ୩୦ ପ୍ରତିଶତ ଡାକ୍ତର ଅଛନ୍ତି। ଚିକିତ୍ସାଳୟଗୁଡ଼ିକର ଭିତ୍ତିଭୂମି ସୁଦୃଢ କରିବାକୁ ବିଧାୟକ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ସେହିପରି ଜିଲାର ଧର୍ମଗଡଠାରେ ରହିଛି ଉପଖଣ୍ଡ ଡାକ୍ତରଖାନା। ଏଠାକୁ ବର୍ଷରେ ୧ଲକ୍ଷରୁ ଅଧିକ ଆଉଟଡୋର ରୋଗୀ ଆସୁଥିବାବେଳେ ୬୦ହଜାରରୁ ଅଧିକ ରୋଗୀଙ୍କ ଚିକିତ୍ସା ହୋଇଥାଏ।

# ୩୦ ବାଇକ୍ ଜବତ: ୭ ଗିରଫ

## କୋଇଡା, କେ.ବଲାଙ୍ଗ ପୋଲିସକୁ ବଡ଼ ସଫଳତା

- ବାଇକ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାଶ
- ଝାଡ଼ଖଣ୍ଡ ରାଜ୍ୟକୁ ଲମ୍ବିଛି ଚେର

ଟେନ୍‌ସା,୬।୯(ସମୀର କୁମାର ପାଢ଼ୀ)



ଗିରଫ ଅଭିଯୁକ୍ତଙ୍କ ସହ ପୋଲିସ।

ସୁନ୍ଦରଗଡ଼ ଜିଲା କୋଇଡ଼ା ଓ କେ. ବଲାଙ୍ଗ ଥାନା ଅଞ୍ଚଳରୁ ପୋଲିସ ୩୦ ବାଇକ୍ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଥିବା ୭ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କେନ୍ଦୁଝର ଜିଲା ବଲାଣି ଅଞ୍ଚଳର ତ୍ରିବନ ମୁଣ୍ଡା(୨୭), ନଟ ମୁଣ୍ଡା(୨୪), ସେନାପତି ମୁଣ୍ଡା(୩୦), ସୁରେଶ ଲୁହାର(୩୫),ରୁଗୁଡି ଥାନା ଅଞ୍ଚଳର ସୁଶାନ୍ତ ଲୁହାର (୨୮), ଅମରୁ ଖାନ(୩୦), ସଫଦାର ଖାନ(୩୨)। ଏନେଇ କୋଇଡା ଓ କେ. ବଲାଙ୍ଗ ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ କେ. ବଲାଙ୍ଗ ଥାନାରେ ଏକ ବାଇକ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଥାନା ଅଧିକାରୀ ସ୍ମୃତିରଞ୍ଜନ ନାୟକ ଏକ ମାମଲା ରୁଜୁ କରି ବାଇକକୁ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିଲେ। କେନ୍ଦୁଝର ଜିଲା ବଲାଣି ଥାନା ଅଞ୍ଚଳରେ ବାଇକ୍ ଥିବା ନେଇ କୌଣସି ସୂତ୍ରରୁ ଖବର ପାଇଁ ପୋଲିସ ଖୋଜାଖୋଜି କରିଥିଲା। ବଲାଣି ଅଞ୍ଚଳରୁ ବାଇକ ଜବତ କରିବା ସହିତ ସେନାପତିଙ୍କୁ ଗୁରୁବାର ପୋଲିସ ପଚରାଉଚରା କରିଥିଲା। ସେ ସମସ୍ତ ତଥ୍ୟ ପ୍ରକାଶ କରିଥିଲେ। କେ. ବଲାଙ୍ଗ ପୋଲିସ ବଲାଣିରୁ ତ୍ରିବନ, ନଟ, ସେନାପତି, ସୁରେଶ, ସୁଶାନ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୨୧ଟି ବାଇକ ଜବତ ହୋଇଥିଲା। ସେହିପରି କୋଇଡ଼ା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର ମଧ୍ୟ ୯ଟି ବାଇକ ଜବତ କରିବା ସହିତ ଅମର ଓ ସଫଦାରଙ୍କୁ ଗିରଫ କରିଥିଲେ। କୋଇଡ଼ା ଥାନା କେସ୍ ନଂ. ୧୧୩/୨୪ ଓ କେ. ବଲାଙ୍ଗ ଥାନା କେସ୍ ନଂ. ୭୧/୨୪ ରୁଜୁ ହୋଇଛି। ଜବତ ୩୦ ବାଇକକୁ ଲୁଟେରାମାନେ କୋଇଡା, ଯୋଡ଼ା, କେ.ବଲାଙ୍ଗ, ବଡବିଲ, ବଲାଣି, ରୁଗୁଡି, କିରିବୁରୁ ସମେତ ପଡୋଶୀ ଝାଡ଼ଖଣ୍ଡ ଅଞ୍ଚଳରୁ ଚୋରି କରିଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କ ନାଁରେ ବିଭିନ୍ନ ଜିଲା ତଥା ଝାଡ଼ଖଣ୍ଡ ରାଜ୍ୟର ବିଭିନ୍ନ ଥାନାରେ ମାମଲା ଅଛି ବୋଲି ପଶ୍ଚିମାଞ୍ଚଳ ଡିଆଇଜି ବ୍ରେଜଶ କୁମାର ରାଇ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଡିଶନାଲ ଏସ୍‌ପି ପ୍ରଭା ଶଙ୍କର ନାୟକ, ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ସୋରାଜ ଦେବତା, କୋଇଡ଼ା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର, କେ. ବଲାଙ୍ଗ ଥାନା ଅଧିକାରୀ ସ୍ମୃତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜଣେ ବାଇକ ମାଲିକ ଆସି ନିଜ ନିଜ କାଗଜପତ୍ର ଦେଖାଇ ବାଇକ ନେଇଥିଲେ । ବାଇକ ଧରିବାରେ ଯେଉଁମାନେ ସହଯୋଗ କରିଥିଲେ ସେମାନଙ୍କୁ ଡିଆଇଜି ବ୍ରେଜଶ କୁମାର ୫ହଜର ଓ ୩ ହଜାର ପ୍ରଦାନ କରିଥିଲେ ।

# ରାସ୍ତା ଶୋଚନୀୟ, ଯାଇପାରୁନି ଆମ୍ବୁଲାନ୍ସ



ବର୍ଷାରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି।

ବଡ଼ଗାଁ, ୬।୯(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବିଷ୍ଟୁ ଗ୍ରାମକୁ ଯାଇଥିବା ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି। ୧୦ ବର୍ଷ ତଳେ ନିର୍ମାଣ ହୋଇଥିବା ଏହି ମାଟି ରାସ୍ତା ମରାମତି ନ ହେବାରୁ ବର୍ତ୍ତମାନ ଠାଏଠାଏ ଜାଗାରେ ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷାଦିନେ ଗର୍ତ୍ତରେ ପାଣି ଜମି ରହୁଥିବାରୁ ଲୋକେ ଯା'ଆସରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଉଛି। ଛାତ୍ରୀଛାତ୍ରଙ୍କ ସ୍କୁଲ, କଲେଜ ଯିବାରେ ଅସୁବିଧା ହେଉଛି। ସବୁଠୁ ବଡ଼ କଥା ହେଉଛି ଗାଁ ମଧ୍ୟକୁ ଆମ୍ବୁଲାନ୍ସ ଯାଇପାରୁ ନ ଥିବାରୁ ରୋଗୀ ବୁହାହୋଇ ଆସୁଛନ୍ତି। ୫୦ ପରିବାର ରହୁଥିବା ଉକ୍ତ ଗ୍ରାମର ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସମାଧାନ ହେଉନାହିଁ।

# ଭାଟି ମ୍ୟାନେଜରଙ୍କୁ ମହିଳାଙ୍କ ଚେତାବନୀ



ଗାଁରେ ମଦ ବିକ୍ରି ବନ୍ଦ ପାଇଁ ଥାନାକୁ ଯାଇଥିବା ମହିଳାମାନେ।

ବଡ଼ଗାଁ,୬।୮(ଅଶୋକ ଷଡ଼ଙ୍ଗୀ)

## ତେଜୁଛି ମଦ ବିରୋଧୀ ଆନ୍ଦୋଳନ

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ଅଞ୍ଚଳରେ ମଦ ବିରୋଧୀ ଆନ୍ଦୋଳନ ତେଜୁଛି। ଗତ ୨ ସପ୍ତାହ ମଧ୍ୟରେ ଫୁଲବାରି ପଞ୍ଚାୟତର ଛାମୁଣ୍ଡା ଓ ଇତମା ପଞ୍ଚାୟତର ନକଟୀ ଗ୍ରାମର ମହିଳାମାନେ ଗାଁରେ ମଦ ବିକ୍ରି ବନ୍ଦ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ସେମାନେ ମଦ ବିକ୍ରି ବନ୍ଦ କରିବାକୁ ବଡ଼ଗାଁ ଥାନାରେ ଲିଖିତଭାବେ ଜଣାଇଥିଲା ବେଳେ ଶୁକ୍ରବାର ପୂର୍ବାହ୍ନରେ ଫୁଲବାରି ପଞ୍ଚାୟତ କୁରେଇବଗା ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନେ ବଡ଼ଗାଁ ଅବକାରୀ ଅଧିକାରୀ ଓ ଥାନା ଅଧିକାରୀଙ୍କୁ ଲିଖିତଭାବେ ଜଣାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ, ଗୁରୁବାର ମହିଳା ଓ ଗ୍ରାମବାସୀ ବୈଠକ କରିଥିଲେ। ଏହାପରେ ଗାଁରେ ମଦ ବିକ୍ରି କରୁଥିବା ୬ ଜଣଙ୍କ ଘରକୁ ଯାଇ ମଦ ବିକ୍ରି ବନ୍ଦ କରିବାକୁ କହିଥିଲେ ଓ ଅବକାରୀ କର୍ମଚାରୀଙ୍କ ଉପସ୍ଥିତିରେ ବିକ୍ରି ପାଇଁ ରଖିଥିବା ମଦ ରାସ୍ତାରେ ଢାଳି ଦେଇଥିଲେ। ୬ ଜଣ ମଦ ବିକ୍ରେତା ବିକ୍ରି ବନ୍ଦ କରିବେ କହିଥିବାବେଳେ ଜଣେ ମହିଳା ବିକ୍ରେତା ମଦ ବିକ୍ରି ବନ୍ଦ କରିବେ ନାହିଁ ବୋଲି କହିଥିଲେ। ଶୁକ୍ରବାର ମହିଳାମାନେ ବଡ଼ଗାଁ ଥାନା ଆଇଆଇସି ଓ ବଡ଼ଗାଁ ଅବକାରୀ ଅଧିକାରୀଙ୍କୁ ଲିଖିତ ଜଣାଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାପରେ ବଡ଼ଗାଁ ଦେଶୀ ମଦ ଭାଟିକୁ ଯାଇ ମହିଳାମାନେ ଭାଟି ମ୍ୟାନେଜରଙ୍କୁ ଆମ ଗାଁକୁ ମଦ ଦେବା ବନ୍ଦକର ନଚେତ୍ ପରିଣାମ ଯାହା ହେବ ସେଥିପାଇଁ ଆମେ ଦାୟୀ ହେବୁନାହିଁ କହିଥିଲେ। ତେବେ ୫୫୦ ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମର ୬ଜଣ ବ୍ୟକ୍ତି ଘରେ ଦେଶୀ ଓ ବିଦେଶୀ ମଦ ବିକ୍ରି କରିଆସୁଛନ୍ତି। ଫଳରେ ଗାଁ ଅଶାନ୍ତ ହେଉଥିବା, ଯାନିଯାତ୍ରାରେ ବିଶୃଙ୍ଖଳା ଦେଖା ଦେଉଥିବା, ପାରିବାରିକ ଗଣ୍ଡଗୋଳ ହେଉଥିବା, ଛୋଟ ପିଲାମାନେ ମଦ କବଳରେ ପଡ଼ି ବିପଥଗାମୀ ହେଉଥିବା, ଲୋକେ ରୋଗଗ୍ରସ୍ତ ହେଉଥିବା ନେଇ ସ୍ଥାନୀୟ ସରପଞ୍ଚ ଯୋଗେନ୍ଦ୍ର କିଷାନ, ଗ୍ରାମର ବରିଷ୍ଠ ନାଗରିକ ତରଣୀସେନ ପୃଷେଟ, ଏସ୍‌ଏଚ୍‌ଜିର ସଞ୍ଜୁଲତା ସା, ଉକିଆ କାଲୋ, ମମତା ପୃଷେଟ, ପଦ୍ମିନୀ ସା, କୌଶଲ୍ୟା ନାଏକ, ଜୟମିନୀ ପୃଷେଟ, ଜୟଶ୍ରୀ ମାଝୀ, ଖତ ମାଝୀ, ସନ୍ଧ୍ୟାରାଣୀ ପୃଷେଟ, ବାସନ୍ତୀ ପୃଷେଟ ପ୍ରମୁଖ ଅଭିଯୋଗ କରିଛନ୍ତି।

# ଅଜ୍ଞାନ ରୂପକ ଅନ୍ଧକାରରୁ ଉଦ୍ଧାର କରନ୍ତି ଗୁରୁ

ରାଉରକେଲା,୬।୯(ଦିନେଶ ମିଶ୍ର)

ରାଉରକେଲା ରୋଟାରୀ କ୍ଲବ ଅଫ୍ ଅର୍ବାନ ପକ୍ଷରୁ ଗର୍ଜନସ୍ଥିତ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ହରିଶ୍ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଗୁରୁଦିବସ ପାଳିତ ହୋଇଯାଇଛି। ଏଥିରେ ରୋଟାରୀ କ୍ଲବ ସଭାପତି ଡକ୍ଟର ରାମଚନ୍ଦ୍ର ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ସର୍ବଦା ସୁସମ୍ପର୍କ ରହିବା ଆବଶ୍ୟକ। କାରଣ ଜଣେ ଗୁରୁ ଅଜ୍ଞାନ ରୂପକ ଅନ୍ଧକାରରୁ ଉଦ୍ଧାର କରି ସୁଜ୍ଞାନ ପ୍ରଦାନ କରି ଜୀବନକୁ ସରସ ଓ ସୁନ୍ଦର କରିଥାନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରୋଟାରିଆନ ଉଦିତ କୁମାର ସାହୁ, ମଞ୍ଜୁରାଣୀ ମେହେର, ଦେବବ୍ରତ ନାୟକ, ଉଷା ଦାସ, ଡେ.ଜି ପ୍ରଧାନ, ଡି. ମୋହନ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଦ୍ୟାଳୟର ଯେଉଁ ଛାତ୍ରୀଛାତ୍ରମାନେ ପାଠପଢ଼ା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିଲେ ସେମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ରୋଟାରିଆନ ଆଲୋକ ଗୟେଲ, ପ୍ରଦୀପ ଦାସ, ସସ୍ମିତା ନାୟକ, ଛଗନ ଜେନ୍, ପଦ୍ମିନୀ ସାହୁଙ୍କ ସମେତ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷକ ମନୋଜ କୁମାର ପାହାଡି ଧନ୍ୟବାଦ ଅର୍ପଣ କରିଥିଲେ।



ଲହୁଣୀପଡା ବିଡିଓ ଅନୁରାଗ ମିଶ୍ରଙ୍କୁ ଦାବିପତ୍ର ଦିଆଯାଉଛି।

# କୁଡୁମୀ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଲହୁଣୀପଡ଼ା,୬।୯(ଦାଶରଥି ପଣ୍ଡା)

ଲହୁଣୀପଡ଼ା ବିଡିଓ ଅନୁରାଗ ମିଶ୍ରଙ୍କୁ ଓଡ଼ିଶା କୁଡୁମୀ ସମାଜ ପକ୍ଷରୁ ସୁନ୍ଦରଗଡ଼ ଜିଲା ସଭାପତି ଝସକେତନ ମାହାନ୍ତଙ୍କ ନେତୃତ୍ୱରେ ୫ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ୧୯୫୦ ସେପ୍ଟେମ୍ବର ୬ରେ କୁଡୁମୀ ସମ୍ପ୍ରଦାୟର ଅଜାଣତରେ ଆଦିବାସୀ ତାଲିକାରୁ ବାଦ ଦିଆଯାଇଥିବାରୁ ଉକ୍ତ ଦିନଟିକୁ କୁଡୁମୀ ସମ୍ପ୍ରଦାୟ ପକ୍ଷରୁ ଦେଶରେ କଳା ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଭୁବନେଶ୍ୱର ଠାରେ ଏକ ଶୋଭାଯାତ୍ରା କରି ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ କୁଡୁମୀ ସମାଜ ବହୁଳ ଜିଲା ତଥା ବ୍ଲକ ଗୁଡ଼ିକରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଦାବିପତ୍ର ପ୍ରଦାନ କରାଯାଇଛି। କୁଡୁମୀ ଜାତିକୁ ପୁନଃବାର ଆଦିବାସୀ ମାନ୍ୟତା ପ୍ରଦାନ,କୁଡୁମାଲି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା, କୁଡୁମାଲି ଲିପିକୁ ସମ୍ବିଧାନିକ ସିକୃତି ପ୍ରଦାନ କରିବା, ଶିକ୍ଷା, ନିଯୁକ୍ତି ଓ ଆନୁଷଙ୍ଗିକ ପରିସ୍ଥିତିରେ ସ୍ୱତନ୍ତ୍ରତା ପ୍ରଦାନ କରିବା ଏବଂ କୁଡୁମୀ ଜାତିର ସାମୂହିକ ବିକାଶ ପାଇଁ ଓଡ଼ିଶାରେ କୁଡୁମୀ ବିକାଶ ପରିଷଦ ଗଠନ କରିବା ଇତ୍ୟାଦି ଦାବିପତ୍ର ଉଲ୍ଲେଖ ଥିବା ଜଣାପଡ଼ିଛି। କୁଡୁମୀ ସେନାର ଅନ୍ୟମାନଙ୍କ ମଧ୍ୟରେ କେଶବ ଚନ୍ଦ୍ର ମାହାନ୍ତ, କୁଞ୍ଜବିହାରୀ ମାହାନ୍ତ,ଅଜୟ ମାହାନ୍ତ, ଉମେଶ ଚନ୍ଦ୍ର ମାହାନ୍ତ, ଅଜିତ ମାହାନ୍ତ, ସଞ୍ଜିତ ମାହାନ୍ତ ସମେତ କୁଡୁମୀ ସେନାର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# ସରକାରୀ ମହିଳା କଲେଜରେ ଜାତୀୟ ପୁଷ୍ଟି ଦିବସ

ସୁନ୍ଦରଗଡ଼,୬।୯(ଜୟ ନାରାୟଣ ମେଣ୍ଟୁଲି): ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟରେ ଶୁକ୍ରବାର ଜାତୀୟ ପୁଷ୍ଟି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ଅଧକ୍ଷା ଡ. ଇନ୍ଦିରା ଗଡନାୟକ ପୁଷ୍ଟିକର ଖାଦ୍ୟ ଦ୍ୱାରା କିପରି ନିଜକୁ ସୁସ୍ଥ ରଖି ହେବ ତାହାରି ଉପରେ ଅଭିଭାଷଣ ରଖିଥିଲେ। ନିମନ୍ତ୍ରିତ ଅତିଥି ଉଦ୍ଭିଦ ବିଜ୍ଞାନ ବିଭାଗର ସହ ପ୍ରାଧାପକ ଡ. ଚିତ୍ତରଞ୍ଜନ ବାରିକ ତାପାନୀ ମାନଙ୍କ ଜୀବନଶୈଳୀର ଉଦାହରଣ ଦେଇ ସର୍ବକାଳୀନ ବୈଜ୍ଞାନିକ ପଦ୍ଧତିରେ ଖାଦ୍ୟର ପୌଷ୍ଟିକତା ଉପରେ ଛାତ୍ରୀଙ୍କୁ ଧାରଣା ଦେଇଥିଲେ। ବାଣିଜ୍ୟ ବିଭାଗର ସହ ପ୍ରାଧାପକ ସ୍ୱରୂପ ରଞ୍ଜନ ପଲାଇ ସୁସ୍ଥ ଜୀବନ ଯାପନ ପାଇଁ ଜୀବନ ଶୈଳୀରେ ପରିବର୍ତ୍ତନ ଉପରେ ଆଲୋଚନା କରିଥିଲେ। ଜାତୀୟ ପୁଷ୍ଟିକର ସପ୍ତାହର ପ୍ରଥମ ଦିନରୁ ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଯଥା–ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି, ପୋଷ୍ଟର ପ୍ରସ୍ତୁତି, ପୁଷ୍ଟିକର ଖାଦ୍ୟ ଉପରେ ଆଲୋଚକ୍ର ଆଦି ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଅଧାପିକା ଚାରୁଲତା ନାଏକ, ସଂଯୁକ୍ତା ଦେଇ, କୁସୁମା ରାନୀ ପ୍ରମୁଖ ଉପସ୍ଥିତ ରହି ସପ୍ତାହ ବ୍ୟାପୀ ଚାଲିଥିବା କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧାପିକା,ଅଧାପକ ଓ ବହୁ ସଂଖ୍ୟାରେ ଛାତ୍ରୀମାନେ ଯୋଗଦେଇଥିଲେ।

# ସଂଘର୍ଷମୟ ଜୀବନର ସଫଳତା ଶୀର୍ଷରେ ପହଞ୍ଚାଇଥାଏ

ରାଉରକେଲା,୬।୯(ଦିନେଶ ମିଶ୍ର)




ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

## ୟୁଜିଆଇର ସ୍ୱନକ୍ଷତ୍ର ଦିବସ

ରାଉରକେଲା ଜେଲ୍ ରୋଡସ୍ଥିତ ଉତ୍କଳମଣି ଗୋପବନ୍ଧୁ ଯାନ୍ତ୍ରିକ ବୈଷୟିକ ଅନୁଷ୍ଠାନ (ୟୁଜିଆଇ)ର ୬୩ତମ ସ୍ୱନକ୍ଷତ୍ର ଦିବସ ଅଧ୍ୟକ୍ଷା ପ୍ରଗତି ଦାସଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଟେଶ୍ୱର ଟୁଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ର ଜୀବନରେ ସହଜରେ ସଫଳତା ପାଇବାକୁ ଉଦ୍ୟମ ନ କରି ସଂଘର୍ଷ କରି ସଫଳତା ପାଇଲେ ତାହା ବହୁ ଅନୁଭବ ସହ ଶୀର୍ଷକୁ ପହଞ୍ଚାଇଥାଏ ବୋଲି ଅତିଥି ଟୁଡୁ ତାଙ୍କ ବକ୍ତବ୍ୟରେ ମତପ୍ରକାଶ କରିଥିଲେ। ଇଣ୍ଡୋ ଫ୍ଲୋଗେଟ୍ ଲିମିଟେଡ୍‌ର ଉପସଭାପତି ବସିର ମହମ୍ମଦ, ୟୁଜିଆଇ ଛାତ୍ର ସଙ୍ଗଠନର ସଭାପତି ଆଦିତ୍ୟ ମହାପାତ୍ର, ସମ୍ପାଦକ ଶୁଭେନ୍ଦୁ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ପ୍ରଗତି ଦାସ ୟୁଜିଆଇର ଉଚ୍ଚମାନ୍ୟତା ବଜାଇ ରଖିବା ପାଇଁ ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କୁ ଧନ୍ୟବାଦ ଦେଇଥିଲେ। ସାଂସ୍କୃତିକ ସମ୍ପାଦକ ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇ କହିଥିଲେ, ଗତ ୬୨ ବର୍ଷ ଭିତରେ ପ୍ରଥମ ଥର ପାଇଁ ୟୁଜିଆଇର ନିଜସ୍ୱ ଏନ୍‌ଥମ୍ ପ୍ରସ୍ତୁତ କରାହୋଇଛି। ଯାହାକୁ ଅତିଥିଗଣ ଉନ୍ମୋଚନ କରିବା ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ପରେ କଲେଜର ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଡିଏଭି ବିଦ୍ୟାଳୟର ସଙ୍ଗୀତଗୁରୁ ପୁଲିନ ରାଉତରାୟ ଓ ବିଶିଷ୍ଟ ତବଲା ବାଦକ ଜଗନ୍ନାଥ ଦାସଙ୍କ ସମେତ ୟୁଜିଆଇର ଛାତ୍ର ପତିତପାବନ ପାଢ଼ି ଓ ରୋନିତ ସିଂହ ବଂଶୀବାଦନ କରିଥିଲେ। ଏହି ଅବସରରେ ୟୁଜିଆଇ ଏନ୍‌ଥମ୍ ପାଇଁ ଅନୁଷ୍ଠାନର ଅଧ୍ୟାପିକା ପାରସ୍ମିତା ବିଶ୍ୱାଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସୁମିତା ସରାଫଙ୍କୁ ବିଶେଷ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୟୁଜିଆଇ ଛାତ୍ର ସଙ୍ଗଠନର ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ଲଳିତେନ୍ଦୁ ମିଶ୍ର, ବୈଲୋଚନ ସାମଲ, ସଜଳ ବାନାର୍ଜୀ, କୋଷାଧ୍ୟକ୍ଷ ପ୍ରଭାତ ତ୍ରିପାଠୀ, ସହ କୋଷାଧ୍ୟକ୍ଷ ମନୋଜ ମହାନ୍ତ, ତାପସ ଜେନା, ଅନାଦି ବିଶ୍ୱାଳ, ନୀଳମାଧବ ପଟ୍ଟନାୟକ, ପଙ୍କଜ ସାମନ୍ତ, ସୁଭାଷିନୀ ଜେନା, ପ୍ରଶାନ୍ତ ପାଣିଗ୍ରାହୀ, ଜୟନ୍ତ ରାଉତରାୟ, ପ୍ରଦୀପ ସାହୁ, ଚିତ୍ତରଞ୍ଜନ ମିଶ୍ର, ସତ୍ୟନାରାୟଣ ଦାସ, ବସନ୍ତ ସେନାପତି, ଅଜୟ ପୂଜାରୀ, ଛବିତା ଦାସ, ଅମର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀ ଶ୍ରୀଦୀପା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ହିତାଧିକାରୀଙ୍କଠାରୁ ଅର୍ଥ ଆଦାୟକଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ: ଜିଲାପାଳ

ସୁନ୍ଦରଗଡ଼,୬।୯(ଜୟ ନାରାୟଣ ମେଣ୍ଟୁଲି)



ଖବରଦାତା ସମ୍ମିଳନୀରେ ଜିଲାପାଳଙ୍କ ସହ ଅନ୍ୟମାନେ।

## ସୁଭଦ୍ରା ଯୋଜନା ସମ୍ପର୍କିତ ଖବରଦାତା ସମ୍ମିଳନୀ

ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସୁଭଦ୍ରା ଯୋଜନା ସମ୍ପର୍କିତ ଖବରଦାତା ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଜିଲାପାଳ ମନୋଜ ମହାଜନ ସୁଭଦ୍ରା ଯୋଜନାକୁ ଯୁଗାନ୍ତକାରୀ ଯୋଜନା ଭାବେ ଅଭିହିତ କରିବା ସହିତ ଜିଲାରେ ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ପ୍ରଶାସନ ନେଇଥିବା ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ଏଥିସହ ଏହି ଯାଜନାରେ ସମସ୍ତ ହିତାଧିକାରୀମାନେ କିଭଳି ଭାବେ ଅନ୍ତର୍ଭୁକ୍ତ ହୋଇ ପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ନିମନ୍ତେ କୌଣସି ସମୟ ସୀମା ନାହିଁ। ତେଣୁ ହିତାଧିକାରୀମାନେ ବ୍ୟସ୍ତ ନ ହେବା ସହିତ ଫର୍ମ ଦାଖଲ ନିମନ୍ତେ ଜନସେବା କେନ୍ଦ୍ର ଏବଂ ମୋ ସେବା କେନ୍ଦ୍ର ଗୁଡିକରେ ଅତ୍ୟଧିକ ଗହଳି ନ କରି ଶାନ୍ତି ଶୃଙ୍ଖଳାର ସହ ନିର୍ଭୁଲଭାବେ ଫର୍ମ ପୂରଣ କରି ଦାଖଲ କରିବାକୁ ଜିଲାପାଳ ମହାଜନ ସମସ୍ତ ହିତାଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଫର୍ମ ସମ୍ପୂର୍ଣ୍ଣ ଦେୟ ମୁକ୍ତ। ଯଦି ହିତାଧିକାରୀଠାରୁ ଅର୍ଥ ଆଦାୟ କରାଯାଏ ତେବେ ସଂପୃକ୍ତ ସଂସ୍ଥା ବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ମହାଜନ ସୂଚନା ଦେଇଥିଲେ। ଜିଲାର ୧୭ ବ୍ଲକ, ୩ ପୌରପରିଷଦ ଏବଂ ରାଉରକେଲା ମହାନଗର ନିଗମ ଦ୍ୱାରା ଅଙ୍ଗନୱାଡି କେନ୍ଦ୍ର, ମୋ ସେବା କେନ୍ଦ୍ର, ଜନ ସେବା କେନ୍ଦ୍ରରେ ୭୯୨୩୨୬ଟି ସୁଭଦ୍ରା ଫର୍ମ ପ୍ରଦାନ କରଯାଇଥିଲା। ସେଥିମଧ୍ୟରୁ ୫୭୫୫୬୫ଟି ଫର୍ମ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି ଏବଂ ଫର୍ମ ବଣ୍ଟନ ବର୍ତ୍ତମାନ ମଧ୍ୟ ଜାରି ରହିଛି। ଜିଲାରେ ୧୩୧୨ ଜନ ସେବା କେନ୍ଦ୍ର ଏବଂ ୩୩୪ ମୋ ସେବା କେନ୍ଦ୍ର ଗୁଡିକରେ ପୂରଣ ହୋଇଥିବା ଏହି ଫର୍ମ ଗୁଡ଼ିକର ଡିଜିଟାଇଜେସନ କରାଯାଉଛି। ସୁଭଦ୍ରା ଯୋଜନା ସମ୍ପର୍କିତ କୌଣସି ସନ୍ଦେହ, ସହାୟତା କିମ୍ବା ଅଭିଯୋଗ ରହିଥିଲେ ଟୋଲ ଫ୍ରି ନମ୍ବର ୧୪୬୭୮କୁ ଯୋଗାଯୋଗ କରିପାରିବେ। ସେହିଭଳି ଜିଲା ସ୍ତରରେ ମଧ୍ୟ ଟୋଲ ଫ୍ରୀ ନମ୍ବର ୧୮୦୦୩୪୫୬୭୪୬୧ ଜାରି କରାଯାଇଛି। ସେହିପରି ସମସ୍ତ ଆଇସିଡିଏସ ସ୍ତରରେ ମଧ୍ୟ ହିତାଧିକାରୀଙ୍କୁ ସହାୟତା ପାଇଁ ହେଲ୍ପ ଡେସ୍କ ଖୋଲା ହେଇଛି। ଏଥି ନିମନ୍ତେ ୨ଜଣ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସୁଭଦ୍ରା ଯୋଜନା ଉପରେ ଜନ ସଚେତନତା ସୃଷ୍ଟି କରିବା ନିମନ୍ତେ ସେପ୍ଟେମ୍ବର ୭ ରୁ ୧୬ ତାରିଖ ପର୍ଯ୍ୟନ୍ତ ସଚେତନତା ରଥ ଭ୍ରମଣ କରିବ। ସେହିପରି ସମସ୍ତ ହିତାଧିକାରୀମାନେ ଏହି ଜନକଲ୍ୟାଣକାରୀ ଯୋଜନାରେ ସାମିଲ ହୋଇ ଆର୍ଥିକ ଏବଂ ସାମାଜିକ ଉନ୍ନତି ଆଣିବାରେ ସହାୟକ ହେବେ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ସୁରକ୍ଷା ଅଧିକାରୀ ତୁଲେସୱରି ପଟେଲ, ମୋମତାର ଜିଲା ସଂଯୋଜକ ଚିନ୍ମୟ ସରାଫ, ଡିଜିଏମ ଅଂଶୁମାନ ପୁରୋହିତ, ଜନସେବା କେନ୍ଦ୍ରର ଜିଲା ପରିଚାଳକ ସୁମନ୍ତ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବସ୍ ପଛପଟେ ଧକ୍କା ଦେଲା ଟ୍ରକ୍

**ଅଳ୍ପକେ ବର୍ତ୍ତିଲେ ଚାଳକ, ହେଲ୍ପର**




ଦେବଗଡ଼,୬।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ପୌରାଞ୍ଚଳ ରଜାମୁଣ୍ଡା ଛକ ନିକଟସ୍ଥ ୪୯ ନଂ. ଜାତୀୟ ରାଜପଥରେ ଏକ ମାଲ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଏକ ବସ ପଛ ପଟେ ଧକ୍କା ଦେଇଥିଲା। ଉକ୍ତ ବସରେ କୌଣସି ଯାତ୍ରୀ ନ ଥିବାରୁ କେହି ଆହତ ହୋଇ ନ ଥିବା ବେଳେ ଏହାର ଚାଳକ ଏବଂ ହେଲ୍ପରଙ୍କ ସମେତ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଚାଳକ ମଧ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ଶୁକ୍ରବାର ସକାଳ ପ୍ରାୟ ୮ଟାରେ ଭାଗ୍ୟଲକ୍ଷ୍ମୀ ନାମକ ଏକ ବସ ବାରକୋଟ ପଟୁ ତିଲେଇବଣି ଆଡକୁ ଯାଉଥିଲା। ପଛପଟୁ ଦ୍ରୁତ୍ ଗତିରେ ଆସୁଥିବା ଏକ ମାଲ ବୋଝେଇ ଟ୍ରକ୍ ଚାଳକ ଭାରସାମ୍ୟ ହରାଇ ବସ୍ ପଛପଟେ ପିଟି ହୋଇଯାଇଥିଲା। ଦୁର୍ଘଟଣାରେ ବସ୍‌ର ପଛପାଖ ଅଂଶ ଟ୍ରକର ସମ୍ମୁଖ ଭାଗ ଭାଙ୍ଗିରୁଜି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଦେବଗଡ଼,୬।୯(ଶଶାଙ୍କ ଶେଖର ଝାଙ୍କର)



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

**ଓଡ଼ିଶା ଜୀବିକା ମିଶନ ଇ.ସି. ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ୩ଦଫା ଦାବିପତ୍ର**

ଓଡ଼ିଶା ଜୀବିକା ମିଶନ ଇ.ସି. ସଂଘ ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମଧ୍ୟାହ୍ନରେ ଓଡିଶା ଜୀବିକା ମିଶନ ଇ.ସି. ସଂଘ ଦେବଗଡ ଜିଲା ସଭାପତି ସୁତପା ପ୍ରଧାନ ଓ ସମ୍ପାଦିକା ସୁଜାତା ପ୍ରଧାନଙ୍କ ନେତୃତ୍ୱରେ ଓଡିଶା ଜୀବିକା ମିଶନ ଅଧୀନରେ ଇ.ସି. ଭାବେ କାର୍ଯ୍ୟରତ ବହୁ ସଦସ୍ୟା ଆସି ଜିଲାପାଳଙ୍କ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତାଙ୍କୁ ଉପରୋକ୍ତ ୩ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଇ.ସି.ମାନେ ମହିଳା ସଶକ୍ତିକରଣର ହୃତପିଣ୍ଡ ସଦୃଶ୍ୟ କାର୍ଯ୍ୟ କରିଥାନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠିକୁ ସଙ୍ଗଠିତ କରିବା, ସେମାନଙ୍କୁ ଆର୍ଥିକ ପରିଚାଳନାରେ ତାଲିମ ଓ ପ୍ରୋତ୍ସାହିତ କରିବା ସହ ଇ.ସି ସଭାପତି ଓ ସମ୍ପାଦକଙ୍କ ସ୍ୱାକ୍ଷରରେ ଋଣ ଗ୍ରହଣ କରିବା ଓ ପ୍ରଦାନ କାର୍ଯ୍ୟ କରାଯାଇଥାଏ। ଏଥିସହ ସେମାନେ ସିଆରପି ଏବଂ ଏମବିକେମାନଙ୍କ କାର୍ଯ୍ୟ ମଧ ତଦାରଖ କରିଥାନ୍ତି। ମୌଳିକ, ଆର୍ଥିକ, ସାମାଜିକ ଓ ସାଙ୍ଗଠନିକ ଅଧ୍ୟୟନ ଓ ଅଧ୍ୟବସାୟରେ ତାଲିମ ଗ୍ରହଣ କରିଛନ୍ତି। ମାତ୍ର ପ୍ରତି ୨ ବର୍ଷରେ ଥରେ ରିଷ୍ଟ୍ରକଚରିଂ ନାମରେ ଅସ୍ଥାୟିତ୍ୱର ଅନିଶ୍ଚିତତା ଭିତରେ ସ୍ୱଳ୍ପମାନ ଦେୟରେ ରଖାଯାଉଛି। ଆଜିପର୍ଯ୍ୟନ୍ତ ଓଡିଶାରେ ଇ.ସି ମନୋନୀତ ହେବାଠାରୁ କେହି ବହିଷ୍କୃତ ହୋଇ ନ ଥିଲେ ମଧ ବହିଷ୍କୃତ ହେବା ଆଶଙ୍କା ରହିଛି। ସହରାଞ୍ଚଳରେ କାର୍ଯ୍ୟରତ ଇ.ସି କୌଣସି ଭତ୍ତା ପାଉ ନ ଥିବା ବେଳେ ଗ୍ରାମାଞ୍ଚଳରେ ମଧ ୧୮ଜଣରୁ ଅଧିକ ଇ.ସି କାମ କରୁଛନ୍ତି। କିଛି ପଞ୍ଚାୟତରେ ୨୫ରୁ ୩୦ଜଣ ଇ.ସି ଥିଲେ ମଧ ୧୮ଜଣଙ୍କ ଭତ୍ତାକୁ ଭାଗବଣ୍ଟା କରି ଦିଆଯାଉଛି। ଫଳରେ ୩ଦଫା ଦାବି ପୂରଣ ପାଇଁ ଓଡିଶା ଜୀବିକା ମିଶନ ଇ.ସି. ସଂଘ ପକ୍ଷରୁ ଦାବି କରାଯାଇଛି। ଇ.ସି ମାନଙ୍କୁ ପ୍ରତି ଦୁଇ ବର୍ଷରେ ରିଷ୍ଟ୍ରକଚରିଂ ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା ସହ ଏମାନଙ୍କ ଭତ୍ତା ବୃଦ୍ଧି ଓ ସ୍କିମ ୱାର୍କର ଭାବେ ୱାର୍କର ମାନ୍ୟତା ପ୍ରଦାନ, ମାସିକ ମାନଦେୟ ସରକାରଙ୍କ ଦ୍ୱାରା ଘୋଷିତ କରି କୁଶଳୀ ଶ୍ରମିକର ସର୍ବନିମ୍ନ ମଜୁରୀ ପ୍ରଦାନ ଏବଂ ସ୍କୁଟି ଋଣ ଯୋଜନାରେ ସାମିଲ କରି ମହତ କାର୍ଯ୍ୟ କରିଥିବା ବେଳେ ଏହି ଯୋଜନାର ସର୍ତାବଳୀ ଅନୁସାରେ ୪୮ଟି କିସ୍ତି ମଧ୍ୟରୁ ମାତ୍ର ୮ଟି କିସ୍ତି ଦିଆଯାଇଛି। ଏହାର ପରବର୍ତ୍ତୀ କିସ୍ତିଗୁଡିକ ସମ୍ପର୍କରେ ସରକାର ବିଚାର କରିବା ଆଦି ଦାବି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

# ବଢୁଛି ନଗରପାଳ, ନିର୍ବାହୀ ଅଧିକାରୀ ବିବାଦ

ଝାରସୁଗୁଡ଼ା,୬।୯(ସଞ୍ଜୟ ମାଲି)

**ବେଲପାହାଡ୍ ପୌର ପରିଷଦ**

ଝାରସୁଗୁଡ଼ା ଜିଲା ବେଲପାହାଡ ପୌର ପରିଷଦରେ ବଢୁଛି ନଗରପାଳ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ବିବାଦ। ଏହିପରି ଘଟଣା ଦେଖିବାକୁ ମିଳୁଛି ପୌର ପରିଷଦର ବିଭିନ୍ନ ବୈଠକରେ। ବେଲପାହାଡ ପୌର କାର୍ଯ୍ୟାଳୟରେ ସୁଭଦ୍ରା ଯୋଜନା ବିଷୟରେ ସେଚେତନ କରିବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ହେଲେ ବୈଠକରେ ନଗରପାଳ ନିମାଇଁ ଚରଣ ପଣ୍ଡାଙ୍କ ଅନୁପସ୍ଥିତି ସମସ୍ତଙ୍କୁ ଚକିତ କରିଥିଲା। ନଗରପାଳଙ୍କୁ ଏ ନେଇ ପଚରାଯିବାରୁ ସେ କହିଛନ୍ତି ବେଲପାହାଡବାସୀଙ୍କ ଉନ୍ନତି ଏବଂ ପ୍ରଗତି ପାଇଁ ମୁଁ ସବୁବେଳେ କାର୍ଯ୍ୟ କରିଆସୁଛି ଏବଂ ଆଗାମୀ ଦିନରେ ମଧ ମୋ କାର୍ଯ୍ୟ ଜାରି ରଖିବି। ହେଲେ ଶୁଭଦ୍ରା ଯୋଜନା ସଚେତନତା କାର୍ଯ୍ୟକ୍ରମରେ ଡକାଯାଇ ନ ଥିବାରୁ ଅନୁପସ୍ଥିତ ରହିଥିବା ନଗରପାଳ କହିଛନ୍ତି। ସେ ଆହୁରୀ ମଧ କହିଛନ୍ତି ବେଲପାହାଡ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମକୁ ନଗରପାଳଙ୍କୁ ନ ଜଣାଇ ନିଜ ଇଚ୍ଛାମୁତାବକ କରୁଛନ୍ତି। ଯାହାଦ୍ୱାରା ସେ ଉକ୍ତ କାର୍ଯ୍ୟକ୍ରମଗୁଡିକରେ ଯୋଗଦେଇ ପାରୁନାହାନ୍ତି। ନିର୍ବାହୀ ଅଧିକାରୀଙ୍କ ଏହିପରି ମନମୁଖୀ ମତେ ଦୁଃଖ ଦେବା ସହ ବିକାଶ କାର୍ଯ୍ୟ ପାଇଁ ଠିକ ନୁହେଁ। ତାଙ୍କର ଏହି ମନମୁଖୀ ବିରୋଧରେ ସ୍ଥାନୀୟ ବିଧାୟକ ତଥା ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ଅବଗତ କରାଇବେ ବୋଲି ନଗରପାଳ କହିଛନ୍ତି। ଅନ୍ୟପଟେ ନଗରପାଳ ନିମାଇଁ ଚରଣ ପଣ୍ଡା ମିଥ୍ୟା ଅଭିଯୋଗ କରୁଥିବା ବେଲପାହାଡ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ କହିଛନ୍ତି। ସେ କହିଛନ୍ତି ଶୁଭଦ୍ରା ଯୋଜନା ସେଚେତନତା କାର୍ଯ୍ୟକ୍ରମରେ ନଗରପାଳଙ୍କୁ ଡକାଯାଇଥିଲା। ଏହା ସହ ପୂର୍ବ କାର୍ଯ୍ୟକ୍ରମଗୁଡିକରେ ମଧ ତାଙ୍କୁ ଡକାଯାଏ, ହେଲେ ସେ ଆସୁ ନ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।

### ରେଳ ପଦାଧିକାରୀଙ୍କ ସହିତ ଆଲୋଚନା କଲେ ଏମ୍‌ପି




ବ୍ରଜରାଜନଗର,୬।୯(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଓ ବେଲପାହାଡ଼ ରେଳ ଷ୍ଟେଶନର ବିଭିନ୍ନ ଅବ୍ୟବସ୍ଥା ଓ ଉନ୍ନତି ପାଇଁ ଦକ୍ଷିଣ ପୂର୍ବ ମଧ ରେଳ ବିଭାଗୀୟ ଡିଭିଜିନାଲ ମ୍ୟାନେଜର୍ ନେନୁ ଇଟ୍ୟେ ରହଙ୍କୁ ଅବଗତ କରାଇଛନ୍ତି ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ। ଶୁକ୍ରବାର ବିଲାସପୁର୍‌ଠାରେ ରେଳ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଏମ୍‌ପି ଦାବି କରିଛନ୍ତି। କରୋନା ପୂର୍ବରୁ ଯେଉଁ ସବୁ ଟ୍ରେନ ବ୍ରଜରାଜନଗର ଓ ବେଲପାହାଡ଼ ଷ୍ଟେଶନରେ ରହୁଥିଲା ସେ ସବୁ ଟ୍ରେନ ପୂର୍ବଭଳି ରହିବା ସହିତ ଉଭୟ ଷ୍ଟେଶନର ଉନ୍ନତିକରଣ କରିବାକୁ ଦାବି କରିଛନ୍ତି। ବିଭାଗୀୟ ପଦାଧିକାରୀମାନେ ଏମ୍‌ପି ଅଭିଯୋଗ ଶୁଣିବା ପରେ ବିଚାର୍ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ପରମାନନ୍ଦ ସାହୁ, ଜଗଦାନନ୍ଦ ନନ୍ଦଙ୍କୁ ଆଦର୍ଶ ଗୁରୁ ସମ୍ମାନ

ଦେବଗଡ଼,୬।୯(ଶଶାଙ୍କ ଶେଖର ଝାଙ୍କର)



ଜଗନ୍ନାଥ ସାହିତ୍ୟ ସଂସଦ ଦେବଗଡ଼ ଆନୁକୂଲ୍ୟରେ ଡ. ଭାରତ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଗୁରୁଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲାପାଳ ପରିକ୍ଷୀତ ସାହୁ, ସମ୍ମାନିତ ଅତିଥି ଡ. ସୁଦାମ କୁମାର ପରିଡ଼ା ଅଧକ୍ଷ ଦେବଗଡ଼ ଡିଗ୍ରୀ ମହାବିଦ୍ୟାଳୟ, ଡ. ବିଜୟ କୁମାର ମହାରଣା ଅଧକ୍ଷ ମଡେଲ ଡିଗ୍ରୀ ମହାବିଦ୍ୟାଳୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପରମାନନ୍ଦ ସାହୁ ତଥା ଜଗଦାନନ୍ଦ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ଗୁରୁବନ୍ଦନା ଗାନ କରିଥିଲେ ମାର୍କଣ୍ଡେଶ୍ୱର ଶତପଥି। ଚିତ୍ତରଞ୍ଜନ ଦାସଙ୍କ ସଂଯୋଜନାରେ ପରମାନନ୍ଦ ସାହୁ ଓ ଜଗଦାନନ୍ଦ ନନ୍ଦଙ୍କୁ ଗୁରୁଦିବସର ଆଦର୍ଶ ଗୁରୁ ସମ୍ମାନ ମାନପତ୍ର, ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ଗୁରୁଦିବସର ତାତ୍ପର୍ଯ୍ୟ, ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନଚର୍ଯ୍ୟା ଓ ଦର୍ଶନ ସମ୍ବନ୍ଧରେ ବିଶେଷ ଭାବେ ଆଲୋଚନା କରିଥିଲେ। ଜଗଦାନନ୍ଦ ନନ୍ଦ ଗୁରୁଶିଷ୍ୟ ପରମ୍ପରା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ପରମାନନ୍ଦ ସାହୁ କବିତା ମାଧମରେ ଗୁରୁଙ୍କୁ ସମ୍ମାନ ଜଣାଇଥିଲେ। ଡ. ବିଜୟ କୁମାର ମହାରଣା ଭାରତୀୟ ସଂସ୍କୃତିରେ ଗୁରୁବାଦ ମତରେ ଶୁକଦେବଙ୍କ ଗୁରୁଗ୍ରହଣ ଓ ଗୁରୁଦିବସର ମହତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ। ଡ. ସୁଦାମ ଚରଣ ପରିଡ଼ା ପ୍ରାଚୀନ ଗୁରୁଶିଷ୍ୟ ପରମ୍ପରା ଓ ଆଧୁନିକ ସମାଜରେ ଗୁରୁଶିଷ୍ୟ ସ୍ଥିତିର ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିଥିଲେ। ଅଧାପକ ଚିତ୍ତରଞ୍ଜନ ଦାସଙ୍କ ସଂଯୋଜନାରେ ଗୁରୁଦିବସ ଆଧାରିତ ଗୁରୁବନ୍ଦନା କବିତାପାଠ କରାଯାଇଥିଲା। ସ୍ୱରଚିତ କବିତା ପାଠ କରିଥିଲେ ସର୍ବଶ୍ରୀ ଟିକେଶ୍ୱର ସାହୁ, ଜଗମୋହନ ସାହୁ, ପ୍ରଫୁଲ୍ଲ କୁମାର ମହାପାତ୍ର, ଦୁଃଖବନ୍ଧୁ ବେହେରା, ସୁମିତ୍ରା ପୁରୋହିତ, ସୋନାଲିନ ସାହୁ, ଅଶୋକ କୁମାର ମିଶ୍ର, ଫକୀର ମୋହନ ଦେହୁରୀ, ପଦ୍ମିନୀ ଦାଶମହାପାତ୍ର, ଶ୍ରୀମନ୍ତ ସାହୁ। ଗୁରୁଦିବସର ବକ୍ତବ୍ୟ ରଖିଥିଲେ ଦିଲୀପ କୁମାର ଗୁରୁ, ମାର୍କଣ୍ଡେଶ୍ୱର ଶତପଥି, ଡ. ପଦ୍ମନାଭ ସାହୁ। ଶେଷରେ କବୟିତ୍ରୀ ସୁମିତ୍ରା ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଫାଇନାଲରେ ଏସ୍‌ଜି ବ୍ରଦର୍ସ

**ଜ୍ୟୋତି ଏକାଦଶ ଲିଗ୍-କମ୍-ନକ୍‌ଆଉଟ ଫୁଟ୍‌ବଲ**

କୋଲାବିରା,୬।୯(ଚିନ୍ମୟ କୁମାର ବହିଦାର)

ଜ୍ୟୋତି କ୍ଲବ କୁଲିହାମାଲ ଆନୁକୁଲ୍ୟରେ ଆୟୋଜିତ ଜ୍ୟୋତି ଏକାଦଶ ଲିଗ୍-କମ୍-ନକ୍‌ଆଉଟ ଫୁଟ୍‌ବଲ ପ୍ରତିଯୋଗିତାରେ ଗୁରୁବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ବେଲପାହାଡକୁ ୨ ଗୋଲରେ ପରାସ୍ତ କରି ଏସ୍‌ଜି ବ୍ରଦର୍ସ ଦଳ ଫାଇନାଲକୁ ଉତିର୍ଣ୍ଣ ହୋଇଛି। ୨୨ତମ ଦିବସରେ ଅନୁଷ୍ଠିତ ଦ୍ୱିତୀୟ ସେମି ଫାଇନାଲ ଖେଳ ବେଲପାହାଡ ଏବଂ ଏସଜି ବ୍ରଦର୍ସ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ୨–୦ ଗୋଲରେ ବିଜୟ ହାସଲ କରି ଏସଜି ବ୍ରଦର୍ସ ଦଳ ଫାଇନାଲକୁ ପ୍ରବେଶ କରିଛି। ମ୍ୟାଚକୁ ଶାରୀରିକ ଖେଳ ଶିକ୍ଷକ ରାଜେଶ ଭଇଁସା, ରାଜକୁମାର ମଣ୍ଡଳ, ଚନ୍ଦ୍ର କିଶାନ ଏବଂ ବାପି ବାଗ୍ ପରିଚାଳନା କରିଥିବା ବେଳେ ଜ୍ୟୋତି କ୍ଲବ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସେମି ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଗ୍ରାମ ସଭାପତି ସୌରେନ୍ଦ୍ର କୁମାର ନାୟକ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଲକ୍ଷ୍ମଣ ନାଏକ, ସାମାଜିକ କର୍ମୀ ଗୋବର୍ଦ୍ଧନ ନାଏକ, ମୋହନ ସୁନ୍ଦର ନାଏକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



# ଆଧାର କାର୍ଡରେ ମୋବାଇଲ ନମ୍ବର ଲିଙ୍କ ଜରୁରୀ ନୁହେଁ




ସୁଭଦ୍ରା ଯୋଜନା ସମ୍ପର୍କରେ ଜିଲାପାଳ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ଦେବଗଡ଼,୬।୯(ଶଶାଙ୍କ ଶେଖର ଝାଙ୍କର)

ସୁଭଦ୍ରା ଯୋଜନାରେ ଆଧାର କାର୍ଡରେ ମୋବାଇଲ ନମ୍ବର ଲିଙ୍କ ନିମନ୍ତେ ବିଭିନ୍ନ ମୋ ସେବା କେନ୍ଦ୍ର ଓ ଜନ ସେବାକେନ୍ଦ୍ରରେ ମହିଳାଙ୍କ ଭିଡ ଲାଗି ରହୁଛି। ଆଧାର କାର୍ଡରେ ମୋବାଇଲ ନମ୍ବର ଲିଙ୍କ ଜରୁରୀ ନୁହେଁ ବୋଲି ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ଆଧାର କାର୍ଡରେ ମୋବାଇଲ ଲିଙ୍କ ହେଉ ନ ଥିଲେ ସୁଦ୍ଧା ବ୍ୟସ୍ତ ହେବାର ଆବଶ୍ୟକ ନାହିଁ। ଦେବଗଡ଼ ଜିଲାରେ ୧ ଲକ୍ଷ ୨୧ ହଜାର ହିତାଧିକାରୀ ଅନଲାଇନରେ ଫର୍ମ ପୂରଣ କରୁଛନ୍ତି। ମୋ ସେବା କେନ୍ଦ୍ର ଓ ଜନ ସେବାକେନ୍ଦ୍ରରେ ଫର୍ମ ପୂରଣ କରି ବିନା ଶୁଳ୍କରେ ଆବେଦନ କରିପାରିବେ। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରକ୍ଷିତ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

# ସମାସିଂହା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

କୋଲାବିରା,୬।୯(ଚିନ୍ମୟ କୁମାର ବହିଦାର)



ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଆସିଥିବା ୱାର୍ଡସଭ୍ୟାସଭ୍ୟବୃନ୍ଦ।

ପଞ୍ଚାୟତ ନିର୍ବାଚନ ପରେ ସମିତି ଗଠନ ହେବା ଦିନଠାରୁ ବିଭିନ୍ନ ବିବାଦ ଯୋଗୁ ଚର୍ଚ୍ଚାରେ ରହିଥିଲା ସମାସିଂହା ପଞ୍ଚାୟତ। ସରପଞ୍ଚ କରୁଣାକର ସେଟଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ନାଏବ ସରପଞ୍ଚଙ୍କ ସମେତ ୧୩ଜଣ ୱାର୍ଡ ସଭ୍ୟାସଭ୍ୟ ଜିଲାପାଳଙ୍କୁ ଆବେଦନପତ୍ର ପ୍ରଦାନ କରିଥିବା ଜଣାପଡିଛି। ତେବେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ଦର୍ଶାଇ ନ ଥିବା ବେଳେ କେବଳ ସରପଞ୍ଚଙ୍କ କାର୍ଯ୍ୟଶୈଳୀ ଓ ପଞ୍ଚାୟତରେ କରାଯାଉଥିବା ବିଭିନ୍ନ କାର୍ଯ୍ୟ ଆଦୌ ସନ୍ତୋଷଜନକ ନୁହେଁ ବୋଲି ଅଭିଯୋଗ କରି ଅନାସ୍ଥା ପ୍ରସ୍ତାବ ପାଇଁ ଉପଜିଲାପଳଙ୍କ ମଞ୍ଜୁରି ପାଇଁ ନାଏବ ସରପଞ୍ଚ ସୁରଭି ସେନାପତି, ୱାର୍ଡସଭ୍ୟ ବିଜୟ କୁମାର ପଣ୍ଡା, ସୁନୀତା ପଣ୍ଡା, ପଦ୍ମିନୀ ପାତ୍ର, ଅଭିଲାସ ଖଡିଆ, କବିତା ସୁନାନୀ, ଯୋଗେଶ୍ୱର ରୋହିଦାସ, ବାପି କିସାନ, ସଂଯୁକ୍ତା କାଲୋ, ବିଷ୍ଣୁ ପଧାନ, ମନବୋଧ ପଧାନ, ସରୋଜ ଭୋଇ ପ୍ରମୁଖ ଏକ ପତ୍ର ପ୍ରଦାନ କରିଥିବା ଜଣାପଡିଛି। ଉପଜିଲାପାଳ ସବ୍ୟସାଚୀ ପଣ୍ଡା ଘଟଣାର ତଦନ୍ତ ପରେ ନିୟମନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଫାଇନାଲରେ ଆର୍‌ମାନ କ୍ଲବ

ବ୍ରଜରାଜନଗର,୬।୯(ବିଜୟ ବରାଡ଼)

**ଗା' ସମଲେଇ ନୂଆଁଖାଇ ଭେଟ୍‌ଘାଟ୍ ଫୁଟ୍‌ବଲ**

ଝାରସୁଗୁଡ଼ା ଜିଲା ରାଜପୁର ପଞ୍ଚାୟତ କଣ୍ଟାପାଲି ଫୁଟବଲ ପଡିଆରେ ଚାଲିଥିବା ୨୯ତମ ନୂଆଁଖାଇ ଭେଟ୍‌ଘାଟ୍ ଫୁଟ୍‌ବଲ ପ୍ରତିଯୋଗିତାର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏହି ସେମିଫାଇନାଲ ଖେଳ ଆର୍‌ମନ କ୍ଲବ ସୁନ୍ଦରଗଡ଼ ଓ ମାଣିକେଶରୀ କ୍ଲବ ଲଟାଖଣ୍ଡି ମଧ୍ୟରେ ହୋଇଥିଲା। ଉଭୟ ଦଳ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରି ଖେଳକୁ ୨–୨ ଗୋଲ ସ୍କୋର କରି ଅମୀମାଂସିତ ରଖିଥିଲେ। ଶେଷରେ ଟାଇବ୍ରେକର୍ ସହାୟତାରେ ଆର୍‌ମାନ କ୍ଲବ ବିଜୟୀ ହୋଇଥିଲା। ଆସନ୍ତା ରବିବାର ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଦିନ ଫାଇନାଲ ଖେଳ ଆର୍‌ମନ କ୍ଲବ ସୁନ୍ଦରଗଡ଼ ଓ ଯେଏମଏଫସି କ୍ଲବ କୀରରାମା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଗଣପତି କ୍ଲବ ସଭାପତି ଈଶର ପ୍ରଧାନ ସୂଚନା ଦେଇଛନ୍ତ।

### ଗାଡ଼ି ଧକ୍କାରେ ଜଣେ ଗୁରୁତର

କୋଲାବିରା,୬।୯(ଚିନ୍ମୟ କୁମାର ବହିଦାର)

କୋଲାବିରା ବସ୍ତି ସାହୁପଡାର ତ୍ରିନାଥ ପାତ୍ର (୫୬) ଗୁରୁବାର ରାତିରେ ଏକ ଅଜଣାଗାଡି ଧକ୍କାରେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସେ ଘରୁ ବାହାରି ରାସ୍ତାର ବିପରିତ ପାର୍ଶ୍ୱରେ ଥିବା ଦୋକାନକୁ ସଉଦା କିଣିବାକୁ ବାହାରିଥିଲେ। ସେହି ସମୟରେ ଏକ ଚାରି ଚକିଆ ଯାନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ତୁରନ୍ତ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଦୁର୍ଘଟଣାରେ ତ୍ରିନାଥଙ୍କ ଗୋଡ ଭାଙ୍ଗିଯିବା ସହିତ ଶରୀରର ଅନେକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଅବସ୍ଥା ଗୁରୁତର ହେବାରୁ ବୁର୍ଲା ଡାକ୍ତଖାନାକୁ ନିଆଯାଇଥିଲା। ପରେ ସମ୍ବଲପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ଚିକିତ୍ସା ହେଉଛି। ରାସ୍ତା କଡରେ ଛିଡା ହୋଇଥବା ଲୋକଙ୍କ କହିବା ଅନୁସାରେ ଏକ ଅଲଟୋ ଗାଡି ଧକ୍କାଦେଇ ଦ୍ରୁତିଗତିରେ ଚାଲିଯାଇଥିଲା। କୋଲାବିରା ପୋଲିସ ଘଟଣାର ତଦନ୍ତ କରୁଛି।

# ସୁଭଦ୍ରା ଯୋଜନା ସମ୍ପର୍କରେ ଜିଲାପାଳଙ୍କ ସବିଶେଷ ସୂଚନା

ଝାରସୁଗୁଡ଼ା,୬।୯(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲାରେ ସୁଭଦ୍ରା ଯୋଜନା କିପରି ସଫଳତାର ସହ କାର୍ଯ୍ୟକାରୀ କରାଯିବ ସେ ନେଇ ଶୁକ୍ରବାର ଜିଲାପାଳ ଅବୋଲି ସୁନୀଲ ନରୱଣେ ବିସ୍ତୃତ ଭାବେ ଗଣମାଧମ ପ୍ରତିନିଧିମାନଙ୍କୁ ସୂଚନା ପ୍ରଦାନ କରିଛନ୍ତି। ଯୋଜନାରେ ସାମିଲ ବାବଦକୁ କୌଣସି ଦେୟ ଦେବାକୁ ପଡ଼ିବନାହିଁ ବୋଲି ଜିଲାପାଳ ସୂଚନା ଦେଇଥିଲେ। ସୁଭଦ୍ରା ଯୋଜନା ବାବଦକୁ କୌଣସି ଆବେଦନକାରୀ ଆବେଦନ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ ଟୋଲ ଫ୍ରି ନମ୍ବର ୧୪୬୭୮ର ସହାୟତା ନେବାକୁ ଜିଲାପାଳ କହିଛନ୍ତି। ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ଜିଲାପାଳ ସମସ୍ତ ଗଣମାଧମର ସହଯୋଗ କାମନା କରିଥିଲେ। ଆୟୋଜିତ ବୈଠକରେ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ସୁଭଦ୍ରା ଯୋଜନାର ଜିଲା ନୋଡାଲ ଅଧିକାରୀ ପ୍ରବୀର କୁମାର ନାୟକ, ଜିଲା ସମାଜ କଲ୍ୟାଣ ଅଧିକାରୀ ପୂର୍ଣ୍ଣ୍ୟବତୀ ହେଲେନ ଖେସ ପ୍ରମୁଖ ଉପସ୍ଥିତ ଥିଲେ।



ସୁଭଦ୍ରା ଯୋଜନା ନେଇ ଜିଲାପାଳ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ୭ ଦିନ ମଧ୍ୟରେ ଜବରଦଖଲ ମୁକ୍ତ ହେବ ରେମ୍ୟାକଣ୍ଟା

ବ୍ରଜରାଜନଗର,୬।୯(ବିଜୟ ବରାଡ଼)



ଗ୍ରାମବାସୀଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ରାଜସ୍ୱ ମନ୍ତ୍ରୀଙ୍କ ତ୍ୱରିତ ପଦକ୍ଷେପ**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ମ୍ୟୁନିସିପାଲଟି ଅନ୍ତର୍ଗତ ୨୦ ନଂ. ୱାର୍ଡର ରେମ୍ୟା କଣ୍ଟା(ପୋଖରୀ)କୁ ଗ୍ରାମବାସୀ ଓ ଜବର୍‌ଦଖଲକାରୀଙ୍କ ମଧ୍ୟରେ ଲାଗିଥିବା ବିବାଦ ସମାଧାନ ରାସ୍ତା ବାହାରିଛି। ଶୁକ୍ରବାର ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ମାଇନର ଇରିଗେସନ ବିଭାଗ ଇଞ୍ଜିନିୟର ଦେବଦତ୍ତ ଦାସ, ଏସ୍‌ଡିଓ ଅଜିତ ମାଝି, ବ୍ରଜରାଜନଗର ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ଘଟଣାସ୍ଥଳକୁ ଯାଇ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଡିମର୍‌କେଶନ କରାଯିବ ଓ ଜବରଦଖଲରେ ଥିବା ୪ ଏକର ଜମି ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ରେଏମଯା ରାଜସ୍ୱ ଗ୍ରାମ ଉପର ମୁଣ୍ଡରେ ଏକ କଣ୍ଟା ରହିଛି, ଯାହା ୭ ଏକର ୯୦ ଡେସିମିଲ ଏରିଆ। ଏହାର୍ ସମସ୍ତ ରେକର୍ଡ ଗ୍ରାମବାସୀଙ୍କ ପାଖରେ ରହିଛି। ୨୦୨୦ ପୌର ପ୍ରଶାସନ ପକ୍ଷରୁ ଟେଣ୍ଡର ପ୍ରକ୍ରିୟାରେ ୩ ଏକର ୧୧ ଡିସିମିଲ ଜମିରେ କଣ୍ଟାର ଉଦ୍ଧାର କାର୍ଯ୍ୟ କରାଯାଇଛି। ବାକି ୩ ଏକର ୭୯ ଡିସିମିଲ ଜାଗାକୁ ବାଦ ଦିଆଗଲା। ଯାହା ଜବରଦାଖଲକାରୀଙ୍କ ଅଧୀନକୁ ଚାଲିଯାଇଥିଲା। ସେହି ଜାଗାକୁ ପାଇବା ପାଇଁ ଗ୍ରାମବାସୀ ବିଭାଗୀୟ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ପାଉ ନ ଥିଲେ। ଚଳିତବର୍ଷ ଜାନୁୟାରୀ ୪ରେ ସମ୍ବଲପୁର ଆର୍‌ଡିସିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ମେ ୫ ତାରିଖରେ ଗ୍ରାମର ସଚେତନ ନାଗରିକ ରଘୁମଣି ପ୍ରଧାନ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଲିଖିତ ଆକାରରେ ଜଣାଇଥିଲେ। ଏହାର ନକଲ ଅଭିଯୋଗ ପ୍ରକୋଷ୍ଠ ମୁଖ୍ୟମନ୍ତ୍ରୀ, ବରଗଡ଼ ଏମ୍‌ପି, ଜିଲାପାଳ, ତହସିଲଦର, ନିର୍ବାହୀ ଅଧିକାରୀ, ବ୍ରଜରାଜନଗର ମ୍ୟୁନିସିପାଲିଟିକୁ ଦେଇଥିଲେ। ରାଜସ୍ୱମନ୍ତ୍ରୀ ତୁରନ୍ତ ଆରଡିସିଙ୍କୁ ଚିଠି ଲେଖି ଗ୍ରାମବାସୀଙ୍କ କଥା ବୁଝିବାକୁ କହିଥିଲେ। ଫଳସ୍ୱରୂପ ଗତ ୨ ତାରିଖରେ ଜିଲାପାଳଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଶୁକ୍ରବାର ବିଭାଗୀୟ ପଦାଧିକାରୀମାନେ ଘଟଣାସ୍ଥଳକୁ ଆସି ଗ୍ରାମବାସୀଙ୍କ ଜାଗାକୁ ଡିମାରକେଶନ କରି ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

